ବର୍ଷ-୨୫, ସଂଖ୍ୟା-୧୨୬
ଭୁବନେଶ୍ୱର
୦୯, ମଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 126
Bhubaneswar
09,May, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ପାକିସ୍ତାନକୁ ଚାରିପଟୁ ଭାରତର ଆକ୍ରମଣ

- ଦୁଇ ଦିନରେ ୨୭ଟି ସ୍ଥାନକୁ ପାକିସ୍ତାନର ଘନ ଘନ ଆକ୍ରମଣ
- ଡ୍ରୋନ୍, ମିସାଇଲ ଓ ରକେଟକୁ ଧ୍ୱସ୍ତ କଲା ଏସ୍-୪୦୦
- ସଲାମ ସେନା : ୪ ପାକ୍ ବିମାନ ଖସାଇଲା
- ପାଲଟା ଜବାବରେ ଦୋହଲିଲା ପାକିସ୍ତାନ
- ଇସଲାମାବାଦ, ଲାହୋର, ପେଶାୱାର, ରାୱଲପିଣ୍ଡି ଉପରେ ଆକ୍ରମଣ
- ନୌସେନା ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହେଲା କରାଚୀ ବନ୍ଦର



**ନୂଆଦିଲ୍ଲୀ,୮।୫(ମହାଭାରତ):**ଭାରତ ଉପରେ ମିସାଇଲ, ଡ୍ରୋନ ଓ ଯୁଦ୍ଧ ବିମାନରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିବା ପାକିସ୍ତାନକୁ ମିଳିଛି ଦୃଢ଼ ଜବାବ। ଗତକାଲି ୧୫ ଓ ଆଜି ରାତିରେ ୧୨ଟି ସ୍ଥାନକୁ ଟାର୍ଗେଟ୍ କରି ମିସାଇଲ, ଡ୍ରୋନ ହମଲାରେ ବିଫଳ ହୋଇଥିବା ପାକିସ୍ତାନକୁ ଏବେ ଭାରତର ପାଲଟା ଆକ୍ରମଣର ସାମ୍ନା କରିବାକୁ ପଡ଼ିଛି। ପାକିସ୍ତାନର ବିଭିନ୍ନ ସହରରେ ପାଲଟା ଆକ୍ରମଣ କରିଛି ଭାରତୀୟ ସେନା।

ଲାହୋର ଠାରୁ ଆରମ୍ଭ କରି ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଭାରତୀୟ ସେନା ତାଣ୍ଡବ ରଚିଛନ୍ତି। ଭାରତୀୟ ସେନାର ଘନଘନ ଆକ୍ରମଣରେ ପୂରା ଇସଲାମାବାଦ ଠାରୁ ଆରମ୍ଭ କରି ସିଆଲକୋଟ ଦୋହଲି ଉଠିଛି। ସକାଳେ ଭାରତ ରାଲପିଣ୍ଡିରେ ମଧ୍ୟ ଆକ୍ରମଣ କରିଥିଲା।

ଭାରତ ଡ୍ରୋନ ଦ୍ୱାରା ଆକ୍ରମଣ କରି ପାକିସ୍ତାନକୁ ଉଚିତ ଜବାବ ଦେଇଛି। ଭାରତର ଡ୍ରୋନ ଆକ୍ରମଣରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଲାଗିଥିବା ଆବାସକସ ଛିନଛତ୍ର ହୋଇଯାଇଛି। ଏହି ସିଷ୍ଟମ ଦ୍ୱାରା ପାକିସ୍ତାନ ଆକାଶ ପଥରେ ହେଉଥିବା ଆକ୍ରମଣକୁ ଚିହ୍ନଟ କରିଥାଏ। ସେହିପରି ଏହା ନିଜ ଦେଶର ପାଇଲଟଙ୍କୁ ବିଭିନ୍ନ ଦିଗ ନିର୍ଦ୍ଦେଶ କରିଥାଏ। କିନ୍ତୁ ଭାରତ ଆବାସକସକୁ ଧ୍ୱଂସ କରି ପାକିସ୍ତାନର ମେରୁଦଣ୍ଡକୁ ଗୋଟିଏ ପ୍ରକାରର ଭାଙ୍ଗି ଦେଇଛି।

ଭାରତର ଅପରେସନ ସିନ୍ଦୂରର ସଫଳତା, ଲାହୋର ଓ ରାୱଲିପିଣ୍ଡିରେ ଡ୍ରୋନ୍ ଆକ୍ରମଣ ପରେ ବିଚଳିତ ହୋଇପଡ଼ିଛି ପାକିସ୍ତାନ। ଫଳରେ ଲଗାତାର ଦୁଇ ଦିନ ଧରି ଘନ ଘନ ଆକ୍ରମଣ କରିଥିବାବେଳେ ଭାରତର କୌଣସି କ୍ଷତି ହୋଇନାହିଁ। ଗତକାଲି ରାତିରେ ୧୫ ସହରରେ ଓ ଆଜି ରାତିରେ ମଧ୍ୟ ଏକାଧିକ ସ୍ଥାନରେ ଅନ୍ଧାଧୂନ ଡ୍ରୋନ୍, ମିଜାଇଲ ଓ ରକେଟ୍ ମାଡ଼ କରିଛି। ହେଲେ ଭାରତର ଆଣ୍ଟି ଏୟାର ଡିଫେନ୍ସ ସିଷ୍ଟମ ସବୁଗୁଡ଼ିକୁ ଧ୍ୱସ୍ତ କରିଦେଇଛି। ଏଥିସହ ପାକିସ୍ତାନ ଗୋଟିଏ ଏଫ-୧୬, ୨ଟି ଜେଏଫ-୧୬ ବିମାନକୁ ଖସାଇ ଦେଇଛନ୍ତି ଭାରତୀୟ ସେନା। ଏଥିରେ ଜଣେ ଜୀବନ୍ତ ଅବସ୍ଥାରେ ପାକିସ୍ତାନ ସେନା ଧରାପଡିଛନ୍ତି। ପାକିସ୍ତାନର ଆକ୍ରମଣ ଜବାବରେ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତ ପାକିସ୍ତାନର ସିଆଲକୋଟ୍, ଲାହୋର ଓ ରାଜଧାନୀ ଇସଲାମାବାଦ ଉପରେ ଭାରତୀୟ ସେନା ଓ ବାୟୁସେନା ପକ୍ଷରୁ ପ୍ରଚଣ୍ଡ ବୋମାବର୍ଷଣ କରାଯାଉଛି । ଏହି ଆକ୍ରମଣରେ ଡ୍ରୋନର ବ୍ୟବହାର ମଧ୍ୟ କରାଯାଉଛି। ଭାରତ ପୂର୍ବରୁ ହିଁ ଲାହୋରର ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିସାରିଛି। ଏହାଛଡ଼ା କିଛି ସମୟ ପୂର୍ବରୁ ଭାରତ ଲାହୋରର ଆଉ ଏକ ଆୱାକସ୍ ଏୟାର ଡିଫେନ୍ସ ସିଷ୍ଟମକୁ ନଷ୍ଟ କରିଦେଇଛି।

ପାକିସ୍ତାନ ବାୟୁସେନାର ଦୁଇଟି ଜେଏଫ-୧୭ ଏବଂ ଦୁଇଟି ଏଫ -୧୬ ଯୁଦ୍ଧବିମାନକୁ ସଫଳତାର ସହ ଗୁଳି କରି ଖସାଇଛି। ସୂଚନା ଅନୁସାରେ, ଭାରତୀୟ ସେନା ଜମ୍ମୁର ଅଖନୁର ଜିଲାରେ ଜଣେ ପାକିସ୍ତାନୀ ପାଇଲଟ ଏବଂ ରାଜସ୍ଥାନର ଜୈସାଲମାରରେ ବନ୍ଦୀ କରିଛି।

ଆଜି ରାତି ପ୍ରାୟ ୮ଟାପରେ ପାକିସ୍ତାନ ଜମ୍ମୁ, ରାଜସ୍ଥାନ ଏବଂ ପଞ୍ଜାବର ଏକାଧିକ ଅଞ୍ଚଳରେ ଡ୍ରୋନ ଏବଂ ମିସାଇଲ ଆକ୍ରମଣ ହୋଇଥିଲା, ଯାହା ଭାରତ ପାକିସ୍ତାନୀ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିବାର ମାତ୍ର ଏକ ଦିନ ପରେ ଏକ ବଡ଼ ଉତ୍ତେଜନାର ସୂଚନା ଦେଇଛି। ଜମ୍ମୁ ସିଭିଲ ଏୟାରପୋର୍ଟ ନିକଟରେ ଏକ ଡ୍ରୋନ ଆଘାତ କରିଥିବା ବେଳେ, ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଅନେକ ପ୍ରକ୍ଷେପଣାସ୍ତ୍ରକୁ ଗୁଳି କରି ନଷ୍ଟ କରାଯାଇଛି। ପଠାନକୋଟ ଏବଂ ଜୈସାଲମେରର ଏକାଧିକ ଅଞ୍ଚଳରେ ଡ୍ରୋନଗୁଡ଼ିକୁ ଅଟକାଯାଇଛି ଏବଂ ବିସ୍ଫୋରଣର ଖବର ମଧ୍ୟ ମିଳିଛି। ଜମ୍ମୁ ସିଭିଲ ଏୟାରପୋର୍ଟରେ ଏକ ଡ୍ରୋନ ଟାର୍ଗେଟ କରିଥିବା ବେଳେ, ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଅତି କମରେ ଆଠଟି ମିସାଇଲ ଅଟକାଯାଇଛି। ଜମ୍ମୁ ବିଶ୍ୱବିଦ୍ୟାଳୟ ନିକଟରେ ଦୁଇଟି ଡ୍ରୋନକୁ ମଧ୍ୟ ଗୁଳି କରି ଖସାଯାଇଛି। ରାଜସ୍ଥାନର ଜୟସଲମେର ଏବଂ ପଞ୍ଜାବର ପଠାନକୋଟରେ ଡ୍ରୋନଗୁଡ଼ିକୁ ଅଟକାଯାଇଛି ଏବଂ ଚଣ୍ଡୀଗଡ଼ରେ ମଧ୍ୟ ସାଇରେନ ଶୁଣାଯାଇଛି। ଭାରତ ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିବା ପରେ ପାକିସ୍ତାନ ବାୟୁସେନାର ଏକ ଏଫ-୧୬ ସୁପରସୋନିକ ଯୁଦ୍ଧବିମାନକୁ ଗୁଳି କରି ଖସାଯାଇଛି। ବର୍ତ୍ତମାନ ଜମ୍ମୁ ସହରରେ ମୋବାଇଲ ନେଟୱାର୍କ ମଧ୍ୟ କାର୍ଯ୍ୟ କରୁନାହିଁ। ସତାରୀ କ୍ୟାମ୍ପ ଉପରେ ଆକ୍ରମଣର ଖବର ମିଳିଛି। ଅନ୍ୟପକ୍ଷରେ, କୁପୱାଡ଼ାରେ ମଧ୍ୟ ଭାରୀ ଗୋଳାବାରୀ ହୋଇଛି। ତଙ୍ଗଧାରରେ ମୋର୍ଟାର ଦ୍ୱାରା ମଧ୍ୟ ଭାରୀ ଗୋଳାବାରୀ ହୋଇଛି।ଏହା ସହିତ, ପୁଞ୍ଛ ଏବଂ ରାଜୌରୀରେ ମଧ୍ୟ ଭାରୀ ଗୁଳିବିନିମୟ ଚାଲିଛି।ଜମ୍ମୁ ଏବଂ ପଞ୍ଜାବ ତଥା ରାଜସ୍ଥାନର ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ସମ୍ପୂର୍ଣ୍ଣ ବ୍ଲାକଆଉଟ ଲାଗୁ କରାଯାଇଥିଲା, ଏବଂ ଏକାଧିକ ସହରରେ ସାଇରେନ ବାଜିଥିଲାଭାରତ-ପାକିସ୍ତାନ ସୀମା ନିକଟରେ ଥିବା ଗାଁର ଲୋକମାନଙ୍କୁ ଆକ୍ରମଣର ପରିସରରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଯଦିଓ ପାକିସ୍ତାନ ସାମ୍ନାରେ ଭାରୀ ଗୋଳାବାରୀ କରିଛି ପାକିସ୍ତାନୀ ଆକ୍ରମଣକୁ ଦୃଷ୍ଟିରେ ରଖି ଜମ୍ମୁର ଆରଏସ ପୁରା ଅଞ୍ଚଳରେ ବ୍ଲାକଆଉଟ ଲାଗୁ କରାଯାଇଛି ଏବଂ ଏଠାରେ ଲଗାତାର ସାଇରନ ବାଜୁଛି।

ସେପଟେ ରାଲପିଣ୍ଡିରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି ସେନା ହେଡ୍‌କ୍ୱାର୍ଟର। ଭାରତର ଡ୍ରୋନ୍ ଆକ୍ରମଣର ପାକିସ୍ତାନ ପାଖରେ କୌଣସି ଜବାବ ନାହିଁ। ପାକିସ୍ତାନର ବଡ଼ବଡ଼ ସହରରେ ଏବେ କେବଳ ଜରୁରୀକାଳୀନ ସାଇରନ୍ ବାଜିବାରେ ଲାଗିଛି। କ୍ୱେଟାରେ ଥିବା ପାକ୍ ସେନା କ୍ୟାମ୍ପ ଉପରେ ଆକ୍ରମଣ ହେଉଛି। ସେହଭଳି ବଲୁଚିସ୍ତାନରେ ବି ପାକ୍ ସେନା କ୍ୟାମ୍ପ ଉପରେ ଧ୍ୱଂସଲୀଳା ରଚିଛି ଭାରତର ବାୟୁସେନା ।

## ପାକ୍ ପ୍ରଧାନମନ୍ତ୍ରୀ ଓ ସେନା ମୁଖ୍ୟଙ୍କ ଘରପାଖରେ ବିସ୍ଫୋରଣ

**ଇସଲାମାବାଦ,୮।୫(ମହାଭାରତ):** ପାକିସ୍ତାନର ରାଜଧାନୀ ଇସଲାମାବାଦରେ ପ୍ରଧାନମନ୍ତ୍ରୀ ସେହବାଜ ସରିଫ ଓ ସେନା ମୁଖ୍ୟ ମୁନିରଙ୍କ ବାସଭବନ ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି, ଯାହା ସାରା ଦେଶରେ ଉତ୍ତେଜନା ସୃଷ୍ଟି କରିଛି। ଏହି ଘଟଣା ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ଏବଂ ଭାରତୀୟ ସେନାର ଅପରେସନ ସିନ୍ଦୂର ପରେ ଘଟିଛି, ଯେଉଁଥିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିରକୁ ନିଶାନା କରାଯାଇଥିଲା।

ସୂଚନା ଅନୁସାରେ, ବିସ୍ଫୋରଣଟି ପ୍ରଧାନମନ୍ତ୍ରୀ ସରିଫଙ୍କ ବାସଭବନଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଘଟିଥିବା ଅନୁମାନ କରାଯାଉଛି।ପାକିସ୍ତାନ ସରକାର ବା ସେନା ପକ୍ଷରୁ ଏ ସମ୍ପର୍କରେ କୌଣସି ଆଧିକାରିକ ବିବୃତି ଜାରି କରାଯାଇନାହିଁ।ବିସ୍ଫୋରଣ ଖବର ପ୍ରକାଶ ପାଇବା ପରେ ପାକିସ୍ତାନରେ ଲକଡାଉନ ଲାଗୁ କରାଯାଇଛି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।ସେହବାଜ ସରିଫ ଏହି ଆକ୍ରମଣକୁ ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନ ବୋଲି ଦାବି କରି ଦେଶବାସୀଙ୍କୁ ଏକତା ରକ୍ଷା କରିବା ଏବଂ ସେନାକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଛନ୍ତି।

## ଶହେରୁ ଅଧିକ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ, ୮।୫(ମହାଭାରତ):** ଭାରତୀୟ ସେନାର ମିଳିତ ଅଭିଯାନରେ ଅପରେସନ ସିନ୍ଦୂର ଅନ୍ତର୍ଗତ କରାଯାଇଥିବା ଆକାଶମାର୍ଗ ଆକ୍ରମଣରେ ଶହେରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସର୍ବଦଳୀୟ ବୈଠକରେ କହିଛନ୍ତି ଯେ, ଏହି ଅଭିଯାନ କେବଳ ଆତଙ୍କବାଦୀ ଠିକଣାରେ ସୀମିତ ଥିଲା ଏବଂ ଏହା ଏବେ ବି ଜାରି ରହିଛି। ଗୁରୁବାର ଦିନ ସଂସଦ ପରିସରରେ ହୋଇଥିବା ସର୍ବଦଳୀୟ ବୈଠକରେ ରାଜନୈତିକ ଦଳମାନେ 'ଅପରେସନ୍ ସିନ୍ଦୂର' କୁ ନେଇ ଏକତା ପ୍ରଦର୍ଶନ କରିଛନ୍ତି। ରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମସ୍ତ ନେତାମାନେ ସେନାର କାର୍ଯ୍ୟକଳାପର ପ୍ରଶଂସା କରିଛନ୍ତି ଏବଂ ସରକାରକୁ ସମ୍ପୂର୍ଣ୍ଣ ସମର୍ଥନ ଦେବାର ଆଶ୍ୱାସନା ଦେଇଛନ୍ତି।

ସର୍ବଦଳୀୟ ବୈଠକରେ ରାଜନାଥ ସିଂହ ରାଜନୈତିକ ଦଳକୁ ଅପରେସନ ସିନ୍ଦୂର ସଂପର୍କରେ ସେନା ରଣନୀତିକୁ ଛାଡି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଅବଗତ କରାଇଛନ୍ତି। ସୂତ୍ର ଅନୁସାରେ, ସେ ବୈଠକରେ ଜଣାଇଛନ୍ତି ଯେ 'ଅପରେସନ୍ ସିନ୍ଦୂର' ଅଭିଯାନରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି।

ସଂସଦ ଭବନ ପରିସରରେ ଗୁରୁବାର ସକାଳ ୧୧ଟାରେ ସମସ୍ତ ରାଜନୈତିକ ଦଳଙ୍କ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକର ଅଧ୍ୟକ୍ଷତା ରକ୍ଷାମନ୍ତ୍ରୀ ରାଜନାଥ ସିଂହ କରିଥିଲେ। ବିଭିନ୍ନ ଦଳର ନେତାମାନେ ଏହି ବୈଠକରେ ଅଂଶ ନେଇଥିଲେ। 'ଅପରେସନ୍ ସିନ୍ଦୂର' ସହିତ ସଂପୃକ୍ତ ବିଷୟରେ ଆଲୋଚନା କରିବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ,

### ସର୍ବଦଳୀୟ ବୈଠକ

ଲୋକସଭାରେ ବିପକ୍ଷ ନେତା ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ନେତା ସୁଦୀପ ବନ୍ଦ୍ୟୋପାଧ୍ୟାୟ, ଦ୍ରବିଡ଼ ମୁନେତ୍ର କଝଗମ୍ ନେତା ଟି.ଆର୍. ବାଲୁ, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ, ଆମ ଆଦମୀ ପାର୍ଟିର ସଂଜୟ ସିଂହ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ନେତା ଚିରାଗ ପାଶୱାନ, ଓ ଅଲ ଇଣ୍ଡିଆ ମଜଲିସ-ଏ-ଇତ୍ତେହାଦୁଲ ମୁସଲିମୀନ୍ ନେତା ଅସଦୁଦ୍ଦିନ ଓୱେସୀ ସହିତ ଅନ୍ୟ ଅନେକ ନେତା ମାନେ ସାମିଲ ହୋଇଥିଲେ।

ବୈଠକ ପରେ କେନ୍ଦ୍ରୀୟ ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସମସ୍ତ ଦଳ ଗମ୍ଭୀରତା ଓ ଦାୟିତ୍ୱବୋଧ ସହିତ ନିଜ ମତ ପ୍ରକାଶ କରିଛନ୍ତି। ସେମାନେ କହିଲେ ଯେ ଏପରି ସମୟରେ ରାଜନୈତିକ ହିତକୁ ପଛକୁ ରଖି ଜାତୀୟ ହିତରେ ଚିନ୍ତା କରିବା ଆବଶ୍ୟକ। ରକ୍ଷାମନ୍ତ୍ରୀ ଅପରେସନ୍ ସିନ୍ଦୂରର ଅବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ, କିନ୍ତୁ ସେନା କାର୍ଯ୍ୟଚାଳନା ହେଉଥିବାରୁ ପ୍ରାଯୁକ୍ତିକ ବିବରଣୀ ଦିଆଯାଇନାହିଁ। ରିଜିଜୁ କହିଛନ୍ତି ଯେ ନେତାମାନଙ୍କର ଏକତା ହିଁ ଆମର ଗଣତାନ୍ତ୍ରିକ ଶକ୍ତି। ସମସ୍ତେ ସେନାର ସଫଳତା ଉପରେ ଗର୍ବ ବ୍ୟକ୍ତ କରିଛନ୍ତି। ବୈଠକରେ କିଛି ନେତାଙ୍କ ତରଫରୁ ଉପଯୁକ୍ତ ପରାମର୍ଶ ମଧ୍ୟ ଆସିଛି।

## ଜୈସ ମୁଖ୍ୟ ଆଝାର ନିହତ



**ନୂଆଦିଲ୍ଲୀ,୮।୫(ଏଜେନ୍ସି)** ମଇ ୭ ରାତିରେ ପାକିସ୍ତାନ ଉପରେ ଭାରତ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତଥା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରର ପରିବାର ସଫା ହୋଇଯାଇଛି। ଆଝାର ପରିବାରର ମୋଟ ୧୦ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛି ମାସୁଦର ଭାଇ ରୌଫ ଆଝାର। ୧୯୯୯ରେ ଯେତେବେଳେ ତାର ବଡ଼ ଭାଇ ମାସୁଦ ଆଝାର କଶ୍ମୀରର ଜେଲରେ ଥିଲା, ତାକୁ ଛଡ଼ାଇବାକୁ ରୌଫ ଏୟାର ଇଣ୍ଡିଆ। ଆଇସି-୮୧୪ କାନ୍ଦାହାର ବିମାନ ଅପହରଣ କରାଇଥିଲା।

## ଓଡ଼ିଶାରେ ହାଇଆଲର୍ଟ

### ଡ୍ୟାମ୍, ବନ୍ଦର, ବିମାନବନ୍ଦର, ସାମରିକ ପ୍ରତିଷ୍ଠାନରେ ପାଟ୍ରୋଲିଂ

**ଭୁବନେଶ୍ୱର,୮।୫(ମହାଭାରତ):** ଗୁରୁବାର ସନ୍ଧ୍ୟାରୁ ଭାରତ-ପାକ୍ ମଧ୍ୟରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଯାଇଛି। ପୂର୍ବରୁ ଓଡ଼ିଶାରେ ହାଇ ଆଲର୍ଟ ଜାରି ହୋଇଥିଲେ ମଧ୍ୟ ଆଜିର ସ୍ଥିତିକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆସନ୍ତାକାଲି ଚାନ୍ଦିପୁର ଡିଆରଡିଏ କ୍ୟାମ୍ପସ୍‌ରେ ମଧ୍ୟ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ।ଏଥିରେ ବାଲେଶ୍ୱର ଏସ୍‌ପିଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିବେ ।

ଆଜି ଡିଜିପି ଶ୍ରୀ ଖୁରାନିଆ। ରାଜ୍ୟର ସମସ୍ତ ଡିଆଇଜି, ଆଇଜି ଓ ଏସ୍‌ପିଙ୍କ ସହ ଆଲୋଚନା ଜାରି ରଖିଛନ୍ତି ଏବଂ ସମସ୍ତଙ୍କ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଶେଷକରି ରାଜ୍ୟର ସମସ୍ତ ସାମରିକ ପ୍ରତିଷ୍ଠାନର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ସବୁ ଦିଗରୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି ସେହିପରି ହୀରାକୁଦ ଭଳି ବଡ଼ବଡ଼ ଡ୍ୟାମ୍, ବିମାନବନ୍ଦର ଓ ବନ୍ଦରଗୁଡ଼ିକର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ସମସ୍ତ ସମ୍ବେଦନଶୀଳ ଜାଗାଗୁଡ଼ିକରେ ଘନଘନ ପାଟ୍ରୋଲିଂ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଭୁବନେଶ୍ୱର ସମେତ ୪ଟି ଏୟାର୍‌ପୋର୍ଟରେ ହାଇ ଆଲର୍ଟ ଜାରି କରାଯାଇଛି। ଝାରସୁଗୁଡ଼ା, ରାଉରକେଲା ଓ ଜୟପୁର ବିମାନବନ୍ଦରରେ ହାଇ ଆଲର୍ଟ ଜାରି କରାଯାଇଛି ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଫୋକସ୍‌ରେ ରଖାଯାଇଛି। ତଟରକ୍ଷୀ ବାହିନୀମାନଙ୍କୁ ସତର୍କ ରହିବାକୁ କୁହାଯାଇଛି ପୁଲିସ ଓ ତଟରକ୍ଷୀ ବାହିନୀମଧ୍ୟରେ ରୀତିମତ ଯୋଗାଯୋଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ସର୍ବୋପରି ଡିଜିପି, କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସହ ନିୟମିତ ବ୍ୟବଧାନରେ ଯୋଗାଯୋଗରେ ଥିବା ଜଣାପଡ଼ିଛି।

## ହଟିବ ପାକିସ୍ତାନୀ ୱେବସିରିଜ ଏବଂ ସିନେମା

**ନୂଆଦିଲ୍ଲୀ,୮।୫(ଏଜେନ୍ସି):** ପୁଣି ପାକିସ୍ତାନ ଉପରେ ପ୍ରହାର। ଓଟିଟି ପ୍ଲାଟଫର୍ମରୁ ହଟିବ ପାକିସ୍ତାନୀ କଣ୍ଟେଣ୍ଟ୍ ସମସ୍ତ ପାକିସ୍ତାନୀ କଣ୍ଟେଣ୍ଟ୍ ହଟାଇବାକୁ ନିର୍ଦ୍ଦେଶ ଭାରତ-ପାକିସ୍ତାନ ଉତ୍ତେଜନା ପରିସ୍ଥିତିରେ ଓଟିଟି ପ୍ଲାଟଫର୍ମ ଏବଂ ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମକୁ ବଡ ନିର୍ଦ୍ଦେଶ ଦେଲା ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ। ତେବେ ଏହି ନିର୍ଦ୍ଦେଶ ପରେ ଓଟିଟି ପ୍ଲାଟଫର୍ମରୁ ହଟିବ ସମସ୍ତ ପାକିସ୍ତାନୀ ୱେବସିରିଜ ଏବଂ ସିନେମା ପାକିସ୍ତାନୀ ଗୀତ ଏବଂ ପୋଡକାଷ୍ଟକୁ ବି ହଟାଇବାକୁ ନିର୍ଦ୍ଦେଶ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରହି ଏସବୁ ଉପରେ କଟକଣା ଲଗାଗଲା।

## ଅମିତ୍ ଶାହଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

**ଭୁବନେଶ୍ୱର,୮।୫(ମହାଭାରତ) :** ଏବେ ଓଡ଼ିଶା ଆସିବେନି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ।ସ୍ଥଗିତ ହେଲା ଅମିତ ଶାହଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ। ଏନେଇ ସୂଚନା ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ। ଆସନ୍ତା ୧୦ ଓ ୧୧ ତାରିଖରେ ଦୁଇ ଦିନିଆ। ଓଡିଶା ଗସ୍ତରେ ଆସିଥାନ୍ତେ ଶାହ। ଯାହା ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ତେବେ ପାକିସ୍ତାନ ଉପରେ ଅପରେସନ ସିନ୍ଦୂର ଜାରି କରିବା ପରେ ଦେଶ ଏବେ ବଡ଼ ଚ୍ୟାଲେଞ୍ଜ ଦେଇ ଗତି କରୁଛି। ସେପଟେ ପାକିସ୍ତାନ ବି ଏଲଓସି ପାର କରି କଶ୍ମୀର ଉପରେ ଆକ୍ରମଣ ଜାରି ରଖିଛି। ଏଭଳି ସ୍ଥଳରେ ଗୃହମନ୍ତ୍ରୀଙ୍କ ଘନ ଘନ ବୈଠକ ସହ ଦେଶର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରହିଛି।

## ମା' ତାରାତାରିଣୀ ପୀଠ ପାଇଁ ୬୮ କୋଟି ଘୋଷଣା

**ବ୍ରହ୍ମପୁର,୮।୫(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲା ଗସ୍ତରେ ଯାଇ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ପ୍ରସିଦ୍ଧ ତାରାତାରିଣୀ ପୀଠରେ ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହିତ ଏହି ଅଂଚଳର ଭିତ୍ତିଭୂମି ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ଯୋଗଦେବା ପୂର୍ବରୁ ତାରାତାରିଣୀ ପୀଠ ବୁଲି ଦେଖିଥିଲେ ଏବଂ ଏହି ଅଂଚଳର ଉନ୍ନତିକରଣ ପାଇଁ ବିଭିନ୍ନ କାର୍ଯ୍ୟକାରୀ ହେବାକୁ ଭିତ୍ତିଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକପ୍ରନିଧିଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଶିକ୍ଷା କେବଳ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଦେବାର ପ୍ରକ୍ରିୟା ନୁହେଁ; ଏହା ସେମାନଙ୍କୁ ଜୀବନ ଦୌଡ଼ ପାଇଁ ପ୍ରସ୍ତୁତ କରିବାର ଏକ ପ୍ରକ୍ରିୟା। ୧୦୦ ବର୍ଷ ଧରି, ଆମର ସ୍କୁଲ କେବଳ ଶ୍ରେଣୀଗୃହର ସମାହାର ନୁହେଁ। ଏହା ଜ୍ଞାନ ଓ ଚରିତ୍ରର ଏକ ପବିତ୍ର ସ୍ଥାନ। ଆମର ଭବିଷ୍ୟତ ଗଠନର ମୂଳଦୁଆରେ ଥିବା ପ୍ରତ୍ୟେକ ଇଟା ଦୃଢ଼ତାର କାହାଣୀ ଧାରଣ କରିଛନ୍ତି ।

ସେ ପୁଣି କହିଥିଲେଯେ, ଦୀର୍ଘ ୧୦୦ ବର୍ଷ ଧରି ଏହି ବିଦ୍ୟାଳୟ ଖଲ୍ଲିକୋଟ ଅଂଚଳରେ ଜ୍ଞାନର ଆଲୋକ ବିକିରଣ କରି ଆସୁଅଛି ଏବଂ



ଏହି ଶତାୟୁ ବିଦ୍ୟାଳୟରେ ପାଠ ପଢ଼ିବା, ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗାଙ୍ଗଦହଣୀ ଉଚ୍ଚ ବିଦ୍ୟାଳୟର ଐତିହ୍ୟ, ଜୟଯାତ୍ରା ଓ ସଫଳତାକୁ ମନେ ପକେଇ ଯଥୋଚିତ ସମ୍ମାନ

କରିବା ପାଇଁ ଏହା ହେଉଛି ପ୍ରକୃତ ଅବସର।। ଏହା ହେଉଛି, ଆମ ପୂର୍ବତନ ଛାତ୍ରଙ୍କ ସଫଳତାର ଜୀବନ୍ତ ପ୍ରମାଣ। ଆପଣଙ୍କ ଯାତ୍ରା ଏଠାରେ ସ୍ଥାପିତ ମୂଲ୍ୟବୋଧକୁ ପ୍ରତିଫଳିତ କରେ, ଏବଂ ଆପଣଙ୍କ ସଫଳତା ଭବିଷ୍ୟତ ପିଢ଼ିକୁ ଉଚ୍ଚ ଲକ୍ଷ୍ୟ ଏବଂ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦିଏ।ଏହା ଏକ ବ୍ୟବସ୍ଥା ଯେଉଁଥିରେ ଆମେ ପିଲାମାନଙ୍କୁ ଉତ୍ତମ ନାଗରିକ ଭାବରେ ସେମାନଙ୍କର ଅଧିକାର ଏବଂ ସମାଜ, ରାଜ୍ୟ ଏବଂ ରାଷ୍ଟ୍ର ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ପରିଚିତ କରାଉ ।

ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଏହା ସହିତ ଭକ୍ତ, ଯାତ୍ରୀମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ତଥା ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଭବ ଉପଲବ୍ଧ କରାଇବା ମହତ୍ ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ପୁଣି ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିରେ ସିଂହଦ୍ୱାର ସାମନାରେ ବହୁତଳ ବିଶିଷ୍ଟ ଧର୍ମଶାଳା, ବଣଭୋଜି ସ୍ଥଳ, ରାସ୍ତାଘାଟ ଉନ୍ନତିକରଣ ଯଥା ନବ ନିର୍ମିତ ପୋଲ ଠାରୁ ମୁଖ୍ୟରାସ୍ତା ଓ ଘାଟ ରୋଡ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର, ଆଲୋକୀକରଣ, ସାଇନ୍ ବୋର୍ଡ, ମନ୍ଦିର ଚତୁର୍ଦ୍ଦିଗରେ ୫ ଗୋଟି ଗୁମୁଟ, ମନ୍ଦିର ଉତ୍ତରପାର୍ଶ୍ୱ ଉନ୍ନତିକରଣ, ଋଷିକୂଲ୍ୟା ନଦୀ ପଠାରେ ହେବାକୁଥିବା ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟକ୍ରମ ୨୫ କୋଟି ଟଙ୍କା ବ୍ୟୟରେ କରାଯିବ । ଏହା ସହିତ ମନ୍ଦିର ସମେତ ଅନ୍ୟାନ୍ୟ କୋଠାବାଡି ରକ୍ଷଣାବେକ୍ଷଣ ନିମନ୍ତେ ୫ କୋଟି ଟଙ୍କା ସ୍ଥାୟୀଜମା ଆକାରରେ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସୂଚାନଥାଉଯେ, ମା' ତାରାତାରିଣୀ ପୀଠ ଭିତ୍ତିଭୂମି ବିକାଶ ପାଇଁ ସମୁଦାୟ ୬୮ କୋଟି ଟଙ୍କାର ଅର୍ଥ ମଂଜୁର ହୋଇଛି।

ମା' ତାରାତାରିଣୀ ପୀଠ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କଲେ ଘୋଷଣାଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ରାଜ୍ୟ ସରକାର ମାଁ ତାରାତାରିଣୀ ପୀଠର ଭିତ୍ତିଭୂମି ବିକାଶ ନିମନ୍ତେ ୮ କୋଟି ଟଙ୍କା ଦେଇଛନ୍ତି । ଏଥିରେ ସୁରକ୍ଷା ଓ ପରିମଳ ବ୍ୟବସ୍ଥା, ଗୋଟିଏ ସ୍ୱୟଂଚାଳିତ ରନ୍ଧାଯନ୍ତ୍ର ପ୍ରତିଷ୍ଠା (ପାହାଡ ଉପରେ), ୯୯୯ ପଥର ପାହାଚର ମରାମତି ଓ ପୁନଃ ନିର୍ମାଣ, ଯାନବାହାନ ରହଣୀସ୍ଥଳ ଓ ହେଲିପ୍ୟାଡ୍‌ପାଇଁ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ।

## ୮ ହଜାର ଏକ୍ସ ଆକାଉଣ୍ଟ ବନ୍ଦ

**ନୂଆଦିଲ୍ଲୀ,୮।୫:** ଭାରତରେ ୮ ହଜାର ଏକ୍ସ ଆକାଉଣ୍ଟ୍ ବ୍ଲକ କରାଯାଇଛି।ଭାରତ ସରକାରଙ୍କ ପକ୍ଷରୁ ଆକାଉଣ୍ଟ ବ୍ଲକ ପାଇଁ ଏକ୍ସକୁ ଲେଖାଯାଇଛି। ନିର୍ଦ୍ଦେଶ ନ ମାନିଲେ ବିପୁଳ ଜରିମାନା ଦେବାକୁ ପଡ଼ିବ ସ୍ଥାନୀୟ କର୍ମଚାରୀ ଦଣ୍ଡ ବି ଭୋଗିପାରନ୍ତି ସାମ୍ପ୍ରତିକ ସ୍ଥିତିକୁ ନେଇ ଭାରତ ସରକାର ପଦକ୍ଷେପ ନେଇଛନ୍ତି।

## ସବୁଧର୍ମର ପ୍ରତିନିଧିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୫(ମହାଭାରତ):** ଅରମ ସରକାର, ଲୋକଙ୍କ ସରକାର, ସମ୍ବେଦନଶୀଳ ସରକାର। ମୁଁ ସବୁବେଳେ ଆପଣମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ। ନୂଆ ୱାକଫ୍ ଆଇନ ଗରିବ, ଅସହାୟ ସଂଖ୍ୟାଲଘୁମାନଙ୍କ ପାଇଁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସବ୍‌କା ସାଥ୍, ସବ୍‌କା ବିଶ୍ୱାସ ନୀତି ଆଧାରରେ ୱାକଫ୍ ଆଇନରେ ସଂଶୋଧନ କରାଯାଇଛି। ଯଦି ଆପଣମାନଙ୍କ କିଛି ପ୍ରସ୍ତାବ ଥାଏ, ତେବେ ଆପଣମାନେ ତାକୁ ସରକାରଙ୍କୁ ଲିଖିତ ଭାବରେ ଦିଅନ୍ତୁ, ସରକାର ତାହାର ସମାଧାନ ଦିଗରେ ଉଦ୍ୟମ କରିବେ।

ଆଜି ଲୋକସେବା ଭବନର କନଭେନ୍‌ସନ ହଲରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ନୂଆ ୱାକଫ୍ ଆଇନ (ୱାକଫ୍ ସଂଶୋଧନ ଆଇନ ୨୦୨୫) ସମ୍ପର୍କରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାତି, ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ଓଡ଼ିଆ ସମସ୍ତେ ମିଶି ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ୧୦ଟି ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ପ୍ରାୟ ୨୫୦ ପ୍ରତିନିଧି ଯୋଗ ଦେଇଥିଲେ ନୂଆ। ।କଫ୍ ଆଇନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ତଥା ସଂଖ୍ୟାଲଘୁ ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ଜଣାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଗାଜର କ୍ଷିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ କ୍ଷିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ। ଏବେ ପ୍ରସ୍ତୁତ ହୋଇଗଲା ଗାଜ କ୍ଷିରି। ଏହାକୁ ଆପଣ ଗରମ ଗରମ ଖାଇପାରିବେ।



ଖବର

# ପାକିସ୍ତାନୀ ଫିଲ୍ମ, ୱେବ ସିରିଜ ଉପରେ ପ୍ରତିବନ୍ଧକ ଲଗାଇଲେ ଭାରତ ସରକାର



ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ଭାରତ ସରକାର ସମସ୍ତ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ, ଓଟିଟି ସେବା ଏବଂ ଡିଜିଟାଲ୍ ମଧ୍ୟସ୍ଥତାକାରୀମାନଙ୍କୁ ପାକିସ୍ତାନ ଫିଲ୍ମ, ୱେବ ସିରିଜ ଆଦି ଷ୍ଟ୍ରିମିଂ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ (ଏମଆଇବି) ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମା ଜାତୀୟ ସୁରକ୍ଷା ଚିନ୍ତା ଏବଂ ଭାରତର ସାର୍ବଭୌମତ୍ୱ ତଥା ଅଖଣ୍ଡତା ବଜାୟ ରଖିବାର ଆବଶ୍ୟକତାକୁ ଉଲ୍ଲେଖ କରିଛି ।ମେ ୮, ୨୦୨୫ ତାରିଖରେ ଜାରି ହୋଇଥିବା ଆନୁଷ୍ଠାନିକ ପରାମର୍ଶ, ଯାହା ଅନଲାଇନ୍ କ୍ୟୁରେଟେଡ୍ ବିଷୟବସ୍ତୁର ପ୍ରକାଶକ, ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମ ଏବଂ ମଧ୍ୟସ୍ଥତାକାରୀମାନଙ୍କୁ ଉଦ୍ଦେଶ୍ୟ କରି ଜାରି ହୋଇଛି, ତାହା ଇନଫର୍ମେସନ୍ ଟେକ୍ନୋଲୋଜି (ଇ□ରମିଡିଆରୀ ଗାଇଡଲାଇନ୍ସ ଏବଂ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡ୍) ନିୟମ, ୨୦୨୧ର ଭାଗ-୩ ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି। ଏହି ନିୟମଗୁଡିକ ସରକାରଙ୍କୁ ଅନଲାଇନ୍ ପ୍ଲାଟଫର୍ମଗୁଡିକ ପାଇଁ ଏକ ନୈତିକ ସଂହିତା ଲାଗୁ କରିବାର ଅଧିକାର ପ୍ରଦାନ କରେ, ବିଶେଷକରି ଦେଶର ସ୍ୱାର୍ଥକୁ କ୍ଷତି ପହଞ୍ଚାଇ ପାରୁଥିବା ବିଷୟବସ୍ତୁ ସମ୍ବନ୍ଧରେ ।ଏହି ନିୟମାବଳୀ ଅନୁଯାୟୀ, ପରାମର୍ଶରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ସମସ୍ତ ଓଟିଟି ପ୍ଲାଟଫର୍ମ ଏବଂ ମିଡିଆ ଷ୍ଟ୍ରିମିଂ ସେବାଗୁଡିକ ତୁରନ୍ତ ପ୍ରଭାବ ସହ ପାକିସ୍ତାନରୁ ଉତ୍ପତ୍ତ ହୋଇଥିବା ୱେବ୍-ସିରିଜ୍, ଚଳଚ୍ଚିତ୍ର, ଗୀତ, ପଡକାଷ୍ଟ ଏବଂ ଅନ୍ୟାନ୍ୟ ଷ୍ଟ୍ରିମିଂ ମିଡିଆ ବିଷୟବସ୍ତୁ, ଯାହା ସବସ୍କ୍ରିପସନ୍-ଆଧାରିତ ମଡେଲରେ କିମ୍ବା ଅନ୍ୟ ଉପାୟରେ ଉପଲବ୍ଧ, ତାହାକୁ ବନ୍ଦ କରିବା ଆବଶ୍ୟକ। ଏହି ସମ୍ପୂର୍ଣ୍ଣ ନିର୍ଦ୍ଦେଶନାମା ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ଆତଙ୍କବାଦୀ ଘଟଣା ଏବଂ ଚାଲିଥିବା କୂଟନୈତିକ ତିକ୍ତତା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଆସିଛି।

## ପ୍ରତି ଗୁରୁବାର ତୁଳସୀ ଗଛ ମୂଳେ କ୍ଷୀର ଢାଳନ୍ତୁ



ନକାରାତ୍ମକ ଶକ୍ତିର ପ୍ରଭାବ ରହିଲେ ଆର୍ଥିକ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ତେବେ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ସଞ୍ଚାର କରିବା ପାଇଁ ବାସ୍ତୁଶାସ୍ତ୍ରରେ ଅନେକ ଉପାୟ ରହିଛି। ତା'ହେଲେ ଆସନ୍ତୁ ଜାଣିନେବା ସେହିପରି କିଛି ଉପାୟ ସଂପର୍କରେ, ଯାହା ଘରର ସୁଖଶାନ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ।

୧. ପ୍ରତି ଗୁରୁବାର ତୁଳସୀ ଗଛକୁ ଅଳ୍ପ କ୍ଷୀର ଅର୍ପଣ କରନ୍ତୁ ବା ଏହାର ମୂଳରେ ଢାଳନ୍ତୁ। ଏହାଦ୍ୱାରା ଘରେ ଲକ୍ଷ୍ମୀ ବାସ କରିଥା'ନ୍ତି ଓ ଆର୍ଥିକ ସମସ୍ୟା ସୁଧୁରିଥାଏ।

୨. କିଛି ଘରେ ସର୍ବଦା କଳିଝଗଡ଼ା ଲାଗି ରହେ। ଆପଣଙ୍କ ଘରେ ବି ଏହି ସ୍ଥିତି ଅଛି କି ? ତା'ହେଲେ ପ୍ରତିଦିନ ପାଣିରେ ଅଳ୍ପ ଲୁଣ ମିଶାଇ ଘର ପୋଛନ୍ତୁ। ଏହାଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହୋଇଯିବ ଏବଂ ପରିବାରର ସଦସ୍ୟଙ୍କ ମଧ୍ୟ ପ୍ରେମ ଓ ଶ୍ରଦ୍ଧା ବଢ଼ିବ।

୩. ପ୍ରତ୍ୟେକ ଦିନ ଶିବ ଲିଙ୍ଗରେ ଜଳ ସହିତ ଅଳ୍ପ କ୍ଷୀର ମିଶାଇ ଅଭିଷେକ କରନ୍ତୁ। ତେବେ ପାତ୍ରରେ ଅଳ୍ପ ଟିକେ କ୍ଷୀର ମିଶା ପାଣି ବଞ୍ଚାଇ ରଖନ୍ତୁ। ଏହାକୁ ଘରର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଢାଳନ୍ତୁ। ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ।

୪. ପ୍ରତି ଦିନ ସଂଧ୍ୟାରେ ଓସ୍ତ ଗଛ ମୂଳରେ ପାଣି ଦିଅନ୍ତୁ। ପାଣିରେ ଅଳ୍ପ ଟିକେ କ୍ଷୀର ବି ମିଶାନ୍ତୁ। ଏହାପରେ ଦୀପ ଲଗାଇ ମନରେ ଯାହା ଅଛି ତାକୁ ସ୍ମରଣ କରି ଓସ୍ତ ଗଛକୁ ୫ ଥର ପରିକ୍ରମା କରନ୍ତୁ। ଏପରି କଲେ ଆପଣଙ୍କ ଇଚ୍ଛା ପୂରଣ ହୋଇଥାଏ ଓ ଘରେ ସୁଖଶାନ୍ତି ବିରାଜମାନ କରନ୍ତି।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗଙ୍କୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗଙ୍କୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗଙ୍କୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ



କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



# ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ। ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା। ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ



କହିଲେ- ଯେ ତୁମେ କ'ଣ କରୁଛ। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା। - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

# ପ୍ରତିଷ୍ଠା ହେବ ୩ ଆୟୁଷ ଚିକିତ୍ସାଳୟ



**ଭୁବନେଶ୍ୱର,୮।୫ (ମହାଭାରତ):** ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱରସ୍ଥିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଏଥି ସହିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ନୂତନ ଏମଇଏଚଡି ୟୁନିଟର ଶିଳାନ୍ୟାସ କରିବା ସହିତ କଲେଜରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ଉଦଘାଟନ ମଧ୍ୟ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ଏହି କଲେଜ ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ। ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଆସୁଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଏହି ମହାବିଦ୍ୟାଳୟର ଏକ ବିଶେଷ ହେଉଛି ଯେ, ଏହା ଏକ ହୋମିଓପାଥିକ ଔଷଧ ତିଆରି କାରଖାନା ପରିଚାଳନା କରୁଛି। ଏଥିରୁ ପ୍ରସ୍ତୁତି ଔଷଧ ବିଭିନ୍ନ ହସ୍ପିଟାଲକୁ ଯୋଗାଇ ଦିଆଯାଉଛି। ଏହା ନିଶ୍ଚିତ ଭାବେ ଖୁବ୍ ପ୍ରଶଂସାଯୋଗ୍ୟ।

ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ କରିଚାଲିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି ଯେ, ସାରା ଭାରତର ଆୟୁଷ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ। ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏହା ସହିତ ୫୬୨ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ୍ୟ ଅଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସ୍ୱାସ୍ଥ୍ୟ କ୍ଷେତ୍ର ବିକାଶ ପାଇଁ ରାଜ୍ୟ ସରକାର ବଜେଟ୍‌ରେ ୨୩ ହଜାର ୬୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ରାଜ୍ୟ ବଜେଟ୍‌ର ୮ ପ୍ରତିଶତରୁ ଅଧିକ। ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ ଯେ ଆମେ ସ୍ୱାସ୍ଥ୍ୟକ୍ଷେତ୍ରକୁ କେତେ ଗୁରୁତ୍ୱ ଦେଉଛୁ। ଆମ ସରକାର ଆସିବା ପରେ ଏହାକୁ ଓଡିଶାରେ କାର୍ଯ୍ୟକାରୀ କଲୁ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟର ଏକ କୋଟିରୁ ଅଧିକ ଲୋକ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇ ପାରୁଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ମାନେ ଏହି ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି। ଓଡିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋରଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି। ତେଣୁ, ଏ କ୍ଷେତ୍ରରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ ବିଶ୍ୱାସ।

ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ଏକାମ୍ର ଭୁବନେଶ୍ୱର ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତି ଏସ୍, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ମୁଖ୍ୟବକ୍ତା, ଡକ୍ଟର ଏଲ୍. କେ. ନନ୍ଦ ମଂଚାସୀନ ଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ଡଃ ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଲିପକ ମହାପାତ୍ର ବିବରଣୀ ପାଠ କରିଥିଲେ ଏବଂ ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର



**ଭୁବନେଶ୍ୱର,୮।୫ (ମହାଭାରତ):** ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ। ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ। ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବଣ୍ଟନ କରାଯିବ ବୋଲି ମିହିର ରାଉତ କହିଛନ୍ତି।

# ‘ମଦର୍ସ ଡେ’ ପାଇଁ ସେଲଫି ପ୍ରତିଯୋଗିତା



**ଭୁବନେଶ୍ୱର,୮।୫ (ମହାଭାରତ):** ଆସନ୍ତା ମେ ୧୧ ତାରିଖରେ ସାରା ବିଶ୍ୱରେ ମଦର୍ସ ଡେ ୨୦୨୫ ପାଳିତ ହେବାକୁ ଯାଉଛି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମେ ୬ ରୁ ୧୦ ପର୍ଯ୍ୟନ୍ତ ଏକ ସେଲଫି ପ୍ରତିଯୋଗିତା ‘ମଦର୍ସ ଡେ ସେଲଫି କଣ୍ଟେଷ୍ଟ’ ନାମକ ଏକ ଅଭିନବ ପ୍ରୟାସର ଶୁଭାରମ୍ଭ କରିଛନ୍ତି।

ନିଜ ମାଆଙ୍କ ସହ ସେଲଫି ଉଠାଇ, ମା ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇ ପଦ ଲେଖି ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ କରନ୍ତୁ। MoBou , WCDOdisha, Mothersday ରେ ଟ୍ୟାଗ କରି ସେଲଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି । ଫେସବୁକ, ଇନଷ୍ଟାଗ୍ରାମ ଏବଂ ଏକ୍ସ ପ୍ରତ୍ୟେକରୁ ୩ ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲଫି ଏବଂ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ମେ ୧୧ ତାରିଖ ମଦର୍ସ ଡେ ଦିବସରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫୋଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ। ମେ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟରେ ମଦର୍ସ ଡେ ପାଳନ ଅବସରରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା’ ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଭାଗ ନେବା ପାଇଁ ଚାହୁଁଥିବା ମା’ ମାନେ ମେ ୧୧ ତାରିଖ ଅପରାହ୍ନ ୩ ଟା ସମୟରେ ଏକାମ୍ର ହାଟ ଆସି ସେହି ସ୍ଥାନରେ ହିଁ ପଞ୍ଜିକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ। ବିଜେତାମାନଙ୍କୁ ସେହି କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ।ତେବେ ବହୁ ସଂଖ୍ୟାରେ ମା’ ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ନାଗରିକଙ୍କ ଭଲ ମାନସିକ ସ୍ୱାସ୍ଥ୍ୟ ଅତ୍ୟାବଶ୍ୟକ



**ଭୁବନେଶ୍ୱର,୮।୫ (ମହାଭାରତ):** ମାନସିକ ସ୍ୱାସ୍ଥ୍ୟ ଜଣେ ବ୍ୟକ୍ତିଙ୍କ ସାମଗ୍ରିକ ସୁସ୍ଥତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ କେବଳ ଜୀବନର ଚ୍ୟାଲେଞ୍ଜ ଗୁଡ଼ିକୁ ମୁକାବିଲା କରିବା ନୁହେଁ ବରଂ ସମାଜରେ ସକାରାତ୍ମକ ଅବଦାନ ଦେବାର କ୍ଷମତାକୁ ସିଧାସଳଖ ପ୍ରଭାବିତ କରେ। ଆମେ ଏକ ବୀକ୍ଷିତ ଭାରତ ଗଠନ କରିବା ପାଇଁ କାମ କରୁଥିବା ସମୟରେ, ନାଗରିକଙ୍କ ଭଲ ମାନସିକ ସ୍ୱାସ୍ଥ୍ୟ ଏହି ଯାତ୍ରାର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ଏକ ସୁସ୍ଥ, ସଶକ୍ତ ରାଷ୍ଟ୍ର ପାଇଁ ମାନସିକ ଭାବରେ ସ୍ଥିର ଜନସଂଖ୍ୟା ଅତ୍ୟାବଶ୍ୟକ,” ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ଇଲନେସ୍ ଟୁ ୱେଲନେସ୍ ସଚେତନତା ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ମାନନୀୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଇଲନେସ୍ ଟୁ ୱେଲନେସ୍ ଫାଉଣ୍ଡେସନ୍ ଦ୍ୱାରା ଭୁବନେଶ୍ୱରର ଆଇଟିସି ୱେଲକମ୍ ହୋଟେଲରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଫାଉଣ୍ଡେସନ୍ ସକ୍ରିୟ ଭାବରେ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିଆସୁଛି ଏବଂ ସାରା ଦେଶରେ ମାନସିକ ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରୁଛି।

ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ବୃଦ୍ଧି ଏବଂ ଚିନ୍ତାଜନକ ପ୍ରବଣତା ବିଷୟରେ ଆଲୋଚନା କରି ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି, “ଆଜି ଆମେ ଦେଖୁଥିବା ଏକ ଚିନ୍ତାଜନକ ଧାରା ହେଉଛି ଆମର ଛାତ୍ର ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ବିକାରର ବୃଦ୍ଧି। ଏନଆଇଏମଏଚଏଏନଏସ(ନିମହାନ୍ସ) ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ଫେବୃଆରୀ ୨୦୨୫ରେ କରାଯାଇଥିବା ଏକ ସାଂପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ, ୨୦୨୪ରେ ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ଆତ୍ମହତ୍ୟା ଚିନ୍ତାଧାରା ଆସିଥିଲା ଏବଂ ଆଶ୍ଚର୍ଯ୍ୟଜନକ ଭାବରେ, ଏପରି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ ଛାତ୍ରଛାତ୍ରୀ ଜୀବନ ସମାପ୍ତ କରିବାକୁ ଚେଷ୍ଟା କରିଥିଲେ।

ସମ୍ମିଳନୀରେ ଭାଷଣ ଦେଇ ଏବଂ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି, ସମ୍ମାନିତ ଅତିଥି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ, ଆଇଏଏସ୍, ମନୋଜ ଆହୁଜା କହିଲେ, ‘ମାନସିକ ସ୍ୱାସ୍ଥ୍ୟ ଚିନ୍ତା ସହରାଂଚଳ ଜନସଂଖ୍ୟା ଏବଂ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ, ଏହା ବର୍ତ୍ତମାନ ଗ୍ରାମାଂଚଳ ଏବଂ ଆଦିବାସୀ ସଂପ୍ରଦାୟ ପର୍ଯ୍ୟନ୍ତ ମଧ୍ୟ ପହଂଚୁଛି। ସ୍ପଷ୍ଟ ଭାବରେ, ଆମକୁ ଆମ ସମାଜ ଏବଂ ଶିକ୍ଷା କ୍ଷେତ୍ରରେ ଦୃଢ଼ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା ଏବଂ ଭାବପ୍ରବଣ ସୁସ୍ଥତା ବିଷୟରେ ଅଧିକ ଖୋଲା ଆଲୋଚନା କରିବାକୁ ପଡିବ। ସରକାର ଓଡ଼ିଶାରେ ବଢୁଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଚ୍ୟାଲେଞ୍ଜ ବିଷୟରେ ଭଲ ଭାବରେ ଅବଗତ ଏବଂ ଅବଗତ।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ

**ଭୁବନେଶ୍ୱର,୮।୫ (ମହାଭାରତ):** ସରକାରୀ ହସ୍ପିଟାଲମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ଉପରେ ରାଜ୍ୟ ସରକାର ଗୁରୁ ଆରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଲୋକସଭା ଭବନ ସଭାଗୃହ ଠାରେ ସ୍ଥିତିର ସମୀକ୍ଷା କରି ସମୟାନୁବନ୍ଧିତ ଭାବେ ସରକାରୀ ହସ୍ପିଟାଲମାନଙ୍କରେ ଅଗ୍ନି-ନିରାପତ୍ତା ନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କଲେଜ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷତଃ ହସ୍ପିଟାଲମାନଙ୍କରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ, ନବଜାତମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ, ସିଟିସ୍କାନ ଓ ଏମ୍.ଆର.ଆଇ ଯନ୍ତ୍ର ଭଳି ଉଚ୍ଚ ବିଦ୍ୟୁ ଶକ୍ତି ସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା ନିମନ୍ତେ ଶ୍ରୀମୟୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲର ବିଦ୍ୟୁତ ୱ୍ୟାରିଂ ସହ ଜେନେରେଟର ସଂଯୋଗୀକରଣ ସ୍ଥାନରେ ବୈଦ୍ୟୁତିକ ଓ ଅଗ୍ନି-ନିରାପତ୍ତାକୁ ସଠିକ୍ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଡାକ୍ତରଖାନାମାନଙ୍କ ଅଗ୍ନି-ନିରାପତ୍ତା କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନର ସଠିକ୍ ଚିହ୍ନଟ ଓ ସେଗୁଡ଼ିକର ସଂଶୋଧନ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍ତରରେ ମିଳିତ କମିଟି ମାନ ଗଠନ କରାଯାଇଛି। ପ୍ରତି ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ନିରୀକ୍ଷକ, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ମିଳିତ କମିଟି ଗଠନ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କ୍ଷେତ୍ର ସ୍ତରୀୟ ଯାଞ୍ଚ ସାରି ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ସହ ଖର୍ଚ୍ଚ ଆକଳନ ପଠେଇବା ପାଇଁ ସ୍ୱାସ୍ଥ୍ୟ ସଚିବ ମିଳିତ କମିଟିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଦ୍ୟୁତିକ ନିରାପତ୍ତା ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ମାନକ ଅନୁସାରେ ସମସ୍ତ ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏବେଠାରୁ ହସ୍ପିଟାଲ ବିଲ୍ଡିଂ-ପ୍ଲାନଗୁଡିକ ପ୍ରଥମରୁ ଅଗ୍ନି ନିରାପତ୍ତା ଅନୁକୂଳ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଲୋଚନାରୁ ଜଣାପଡିଥିଲା ଯେ ସରକାରୀ ଡାକ୍ତରଖାନାମାନଙ୍କରେ ଅଗ୍ନି-ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ନିମନ୍ତେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ସବୁ ଜିଲ୍ଲାମାନଙ୍କୁ ସେମାନଙ୍କର କାର୍ଯ୍ୟ- ଯୋଜନା ଆକଳନ ଅନୁସାରେ ପାଣ୍ଠି ଯୋଗାଇ ଦିଆଯିବ। ଅଗ୍ନି-ନିରାପତ୍ତା ପାଇଁ ସଂଶୋଧନାତ୍ମକ ବ୍ୟବସ୍ଥାପନ କାର୍ଯ୍ୟ ସମୟାନୁବନ୍ଧିତ ଭାବେ ପୂର୍ଣ୍ଣାଙ୍ଗ କରିବାକୁ ଶାସନ ସଚିବ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମକ-ଡ୍ରିଲ ଚାଲୁ ରଖିବା, ଅଗ୍ନି ନିରାପତ୍ତା ସହ ସମ୍ପର୍କିତ ସମସ୍ତ ଅଂଶୀଦାରମାନଙ୍କ ସହ ନିୟମିତ ସମୀକ୍ଷା ବୈଠକ, ବୈଦ୍ୟୁତିକ ଯନ୍ତ୍ରପାତି ଓ ଅଗ୍ନି-ର୍ନିବାପକ ଉପକରଣ ଗୁଡିକର ଉପଯୁକ୍ତ ରକ୍ଷଣା-ବେକ୍ଷଣ ଆଦି କାର୍ଯ୍ୟ ନିୟମିତ ଭାବେ ଚାଲୁ ରଖିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ଯ ଏହି ସବୁ କାର୍ଯ୍ୟକୁ ତଦାରଖ ଓ ପରିଚାଳନା କରିବା ପାଇଁ ରାଜ୍ୟ ସ୍ତରୀୟ ମିଳିତ କମିଟିଙ୍କୁ କୁହାଯାଇଥିଲା।

# କୃଷି ଉତ୍ପାଦନ ଅଭିବୃଦ୍ଧି ପାଇଁ ସରକାର ଚେଷ୍ଟିତ



**ଭୁବନେଶ୍ୱର,୮।୫ (ମହାଭାରତ):** କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ କୃଷିଭିତ୍ତିକ ଭୌଗଳିକ ତଥ୍ୟକୁ ଅନୁଧ୍ୟାନ କରି ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ଏଏମଏନଇଏକ୍ସ (ଇଗଘରଢ) ନାମକ ସଂସ୍ଥା ଆଗେଇ ଆସିଛି। ଏହି ସଂସ୍ଥାର ପ୍ରତିନିଧିଙ୍କ ପକ୍ଷରୁ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶନ କରାଯାଇଥିଲା।

କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ନିହାତି ଜରୁରୀ। କୃତ୍ରିମ ବୁଦ୍ଧିମତାର ଉପଯୋଗରେ ସଠିକ୍ ତଥ୍ୟ ହାତପାହାନ୍ତାରେ ପାଇବା ସହଜସାଧ ହୋଇପାରିଛି ଯ ଆମ ଦେଶର ମେରୁଦଣ୍ଡ, କୃଷକଙ୍କୁ ସମୟୋପ ଯୋଗୀ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଫସଲ ହାନିରେ ହ୍ରାସ ତଥା ଉତ୍ପାଦନରେ ଅଭିବୃଦ୍ଧି ଆଣିବା ପାଇଁ ଆମେ ସର୍ବଦା ଚେଷ୍ଟିତ। ଏଥିପାଇଁ ଉପଯୁକ୍ତ ପଦକ୍ଷେପ ଆମେ ଗ୍ରହଣ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

କୃଷି କ୍ଷେତ୍ରର ବିକାଶରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ଏହାର ବ୍ୟବହାର ଫଳରେ ଅଧିକ ସଂଖ୍ୟକ ଚାଷୀଙ୍କୁ ସମୃଦ୍ଧ ଚାଷୀରେ ପରିଣତ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ।

ଏଏମଏନଇଏକ୍ସ ସଂସ୍ଥା ପୂର୍ବରୁ କୃଷି ବିଭାଗ ଦ୍ୱାରା କରାଯାଉଥିବା ଏଗ୍ରିଷ୍ଟାକ- ଡିଜିଟାଲ କ୍ରପ ସର୍ଭେ, ଫାର୍ମର୍ସ ରେଜିଷ୍ଟ୍ରୀ ଇତ୍ୟାଦି ପାଇଁ ବୈଷୟିକ ସହାୟତା ଯୋଗାଇ ଆସିଛି। ଏତଦବ୍ୟତୀତ, କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ସହ ଯୋଡ଼ି ହୋଇ ୩୩ଟି ଫସଲ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରୁଛି ।

ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଏଏମଏନଇଏକ୍ସ ପକ୍ଷରୁ ପରିଚୟ କୁମାର ଦାସ, ନୀତିଶ ଠକ୍କର, ଜୟେନ୍ଦ୍ର ପୁଓ୍ୱାର, ଆନନ୍ଦ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ଭୁବନେଶ୍ୱର,୮।୫ (ମହାଭାରତ):** ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍‌ସାଇନ୍ ହସ୍ପିଟାଲର ହୃଦରୋଗ ବିଭାଗ ବିଶେଷଜ୍ଞ ଡ. ଶ୍ୱେତାଙ୍ଗ ଦାଶ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ସିଦ୍ଧାର୍ଥ ପ୍ରଧାନ, ଭେଷଜ ବିଶେଷଜ୍ଞ ଡ. ମୌସୁମୀ ପତି ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ କିପରି ଜୀବନଶୈଳୀରେ ବଞ୍ଚିବାକୁ ହେବ ସେ ଉପରେ ପରାମର୍ଶ ଦେଇଥିଲେ। ଲୋକମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ବଂଶୀଧର ନାୟକ, ଯୁଗ୍ମସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ସହକୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିଲେ।

# ବାଲେଶ୍ୱରରେ ଜୁଡିଓର ଷ୍ଟୋର

**ଭୁବନେଶ୍ୱର,୮।୫ (ମହାଭାରତ):** ଟାଟା ଗ୍ରୁପର ସୁଲଭ ଫ୍ୟାଶନ୍ ବ୍ରାଣ୍ଡ ଜୁଡିଓ, ହସ୍ପିଟାଲ ରୋଡ୍‌ର ଆରକେ ପ୍ଲାଜାରେ ଏକ ସଂପୂର୍ଣ୍ଣ ନୂତନ ଷ୍ଟୋର ସହିତ ବାଲେଶ୍ୱରରେ ପ୍ରଥମ ଥର ପାଇଁ ପ୍ରବେଶ କରିଛି। ଏହି ଶୁଭାରମ୍ଭ ସହିତ, ଜୁଡିଓ ସମଗ୍ର ଓଡ଼ିଶାରେ ଏହାର ପ୍ରସାର ଜାରି ରଖିଛି, ରାଜ୍ୟରେ ଏହାର ମୋଟ ଷ୍ଟୋର ସଂଖ୍ୟା ୧୨ରେ ପହଂଚିଛି। ଏହା ନୂତନ ଗ୍ରାହକଙ୍କ ପାଇଁ ଷ୍ଟାଇଲିସ୍, ବଜେଟ୍-ଅନୁକୂଳ ଫ୍ୟାଶନ୍ ଆଣିଛି। ‘ଜୁଡିଓ ବିବିଧତା, ସୁଲଭତା ଏବଂ ପ୍ରାସଙ୍ଗିକତାକୁ ମିଶ୍ରଣ କରି ଭାରତର ଦ୍ରୁତ-ଫ୍ୟାଶନ୍ ବିପ୍ଳବର ନେତୃତ୍ୱ ନେଉଛି। ଲୋକମାନେ କ୍ରମଶଃ ଫ୍ୟାଶନ୍-ସଚେତନ ହେବା ସହିତ, ଆମର ଲକ୍ଷ୍ୟ ହେଉଛି ପ୍ରକୃତ ମୂଲ୍ୟ ପ୍ରଦାନ କରୁଥିବା ଷ୍ଟାଇଲିସ୍ ପସନ୍ଦ ପ୍ରଦାନ କରିବା।

# ବିଜୁ ବାବୁଙ୍କୁ ସମ୍ମାନ ଜଣାଇଲା ଋଷ



**ଭୁବନେଶ୍ୱର,୮।୫ (ମହାଭାରତ):** ନାଜିବାଦ ବିରୁଦ୍ଧରେ ଋଷ ବିଜୟର ୮୦ ତମ ବାର୍ଷିକୀ ଉତ୍ସବ ପାଳନ କରୁଛି। ଏହି ଅବସରରେ ଓଡ଼ିଆ ବୀର ପୁଅ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନ ଜଣାଇଛି ଋଷ। ତେବେ ବିଜୟ ଉତ୍ସବ ପାଇଁ ମେ ୯ ତାରିଖରେ ମସ୍କୋରେ ବିଶାଳ କାର୍ଯ୍ୟକ୍ରମ ଆୟୋଜନ ହେବ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁ ବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ଆଜି ପୁଣି ଗୁଞ୍ଜରିତ ହୋଇଥିଲା ନୂଆଦିଲ୍ଲୀ ସ୍ଥିତ ଋଷ ଦୂତାବାସରେ। ଷ୍ଟାଲିନ ଗ୍ରାଡ଼ ଅଭିଯାନରେ ବିଜୁବାବୁଙ୍କ ଅବଦାନକୁ ମନେପକାଇ ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ ଋଷିଆ। ହାଉସରେ ଆଜି ସକାଳେ ଆୟୋଜିତ ହୋଇଥିଲା ଏକ ଭବ୍ୟ ଉତ୍ସବ। ଏଥରେ ମୁଖ୍ୟଅତିଥି ଭାବେ ବିଜୁ ବାବୁଙ୍କ ସୁପୁତ୍ର ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ସାମିଲ ହୋଇଥିଲେ। ଭାରତରେ ଋଷର ରାଷ୍ଟ୍ରଦୂତ ମିଃ ଡେନିସ ଅଲିପୋବଙ୍କ ଉପସ୍ଥିତିରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ ହୋଇଥିଲା।

ଏହି ଅବସରରେ ମହାନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ନବୀନ କହିଥିଲେ ଯେ ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜଣେ ପାଇଲଟ ଭାବରେ ବିଜୁ ବାବୁ ଯେଭଳି ଅତୁଳନୀୟ ସାହସ ପ୍ରଦର୍ଶନ କରି ଷ୍ଟାଲିନ ଗ୍ରାଡ଼ରେ ଅବରୁଦ୍ଧ ଋଷ ସେନାକୁ ଅସ୍ତ୍ର ଶସ୍ତ୍ର ଯୋଗାଇ ନାଜି ବିରୁଦ୍ଧରେ ଋଷର ବିଜୟକୁ ସୁଗମ କରିଥିଲେ ତାହା ଅନନ୍ୟ। ବିଜୁ ବାବୁଙ୍କ ଏହି ସାହସ ଓ ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଋଷ ଦୂତାବାସର ଉଚ୍ଚ ଅଧିକାରୀ ମାନଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସାମସଙ୍ଗ ଦ୍ୱାରା ଭିଜନ ଏଆଇ ଗ୍ରାହକମାନଙ୍କ ପାଇଁ

**ଭୁବନେଶ୍ୱର,୮।୫ (ମହାଭାରତ):** ସାମସଙ୍ଗ, ଭାରତର ଏକ ବୃହତ୍‌ର ଇଲେକ୍‌ଟ୍ରୋନିକ୍ସ ଗ୍ରାହକ ବ୍ରାଣ୍ଡ, ଆଜି ଏହାର ଅଲଟ୍ରା-ପ୍ରିମିୟମ ୨୦୨୫ ମଡ଼େଲ ଯୁକ୍ତ ନିଓ କ୍ୱିଏଲଇଡ଼ି ୮କେ, ନିଓ କ୍ୱିଏଲଇଡ଼ି ୪କେ, ଓଏଲଇଡ଼ି, କ୍ୟୁଏଲଇଡ଼ି ଟିଭି ସମୂହ ଏବଂ ଦି ଫ୍ରେମ ବ୍ୟବସ୍ଥିତକାରୀ ଶୁଭାରମ୍ଭର ଘୋଷଣା କରିଛି ଯାହାକି ଭାରତୀୟ ଗ୍ରାହକମାନଙ୍କ ପାଇଁ ସାମସଙ୍ଗର ବୈପ୍ଳବାତ୍ମିକ ଭିଜନ ଏଆଇଯୁକ୍ତ ଜ୍ଞାନକୌଶଳ ଆଣିପାରିଛି। ନୂତନ ସାମସଙ୍ଗ ଭିଜନ ଏଆଇ ଏହି ଶୁଭାରମ୍ଭର କେନ୍ଦ୍ର ଅଟେ, ଯାହାକି ପରବର୍ତି ପିଢ଼ି ପାଇଁ ଏଆଇ ସକ୍ଷମକାରୀତା ସହିତ ଏକ ଅତୁଳନୀୟ ଘରୋଇ ମନୋରଞ୍ଜନକାରୀ ଅଭିଜ୍ଞତା ପ୍ରଦାନକାରୀ ଅଟେ। ନବୀକରଣ ଉଚ୍ଚିତ ବଚ୍‌ନବଦ୍ଧତା ସହିତ ତାର ଦେଇ, ସାମସଙ୍ଗର ଅଧୁନତମ ସମ୍ଭାର ଯେଉଁ ସବୁ ପୁନଃସଂଜ୍ଞାକରଣ କରିଛି ତାହା ମଧ୍ୟରେ ରହିଛି, ବ୍ୟବହାରକାରୀମାନେ ପରଦା ସହିତ କିଭଳି ଯୋଡ଼ି ହେବେ, ଦୈନନ୍ଦିନର ଏଥି ସହିତ ସମ୍ପର୍କ ଯୋଡ଼ିବା ପାଇଁ ରହିଥିବା ବୁଦ୍ଧିମତା ଜ୍ଞାନକୌଶଳର ନୂତନ ମୋଡ଼।

# ଜାତି ଭିତ୍ତିକ ଜନଗଣନା

ବାସ୍ତବରେ ହିନ୍ଦୁ ସମାଜରୁ ଜାତି ପ୍ରଥା ବା ଜାତି ବିଭେଦ ଦୂର କରିବାକୁ ହେଲେ ଜାତି ସମ୍ପର୍କିତ ଅଧିକ ସମୀକ୍ଷା ଏବଂ ତର୍ଜମାକୁ ଏଡ଼ାଇବା ଉଚିତ। କିନ୍ତୁ ଗତ ବୁଧବାର କେନ୍ଦ୍ର କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କେନ୍ଦ୍ରର ଏହି ନିଷ୍ପତ୍ତି ଅନୁଯାୟୀ ଆଗାମୀ ଜନଗଣନା ବେଳେ ଦେଶରେ ଜାତିଗଣ ସର୍ଭେ କରାଯିବ। ଜାତିଗତ ସର୍ଭେ ଅର୍ଥ ଜାତି ଜନଗଣନା ବୋଲି କୁହାଯାଇପାରେ। କିନ୍ତୁ କେନ୍ଦ୍ର ସରକାର ଏ ସମ୍ପର୍କରେ କିଛି ସ୍ପଷ୍ଟ କରି ନାହାଁନ୍ତି। ଜାତିଗତ ସର୍ଭେକୁ ଜନଗଣନରେ ସାମିଲ କରାଯିବ ବୋଲି କହିବା ଅର୍ଥ ଜାତି ଜନଗଣନା ହେବ, ଏହା ଭାବିବା ଭୁଲ। ଏହା ବାଦ କେବେ ଜନଗଣନା ହେବ ତାହା ମଧ୍ୟ କେନ୍ଦ୍ର ସରକାର କହି ନାହାଁନ୍ତି। ୧୮୮୧ରୁ ଭାରତରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ। କିନ୍ତୁ କୋଭିଡ ମହାମାରୀ ଯୋଗୁ ୨୦୨୧ରେ ଜନଗଣନା ହୋଇପାରିନଥିଲା। ଶେଷ ଥର ପାଇଁ ୨୦୧୧ରେ ଜନଗଣନା ହୋଇଥିଲା। କୁହାଯାଉଛି ଯେ, ଚଳିତ ବର୍ଷ ଶେଷ ଭାଗରେ ଜନଗଣନା ହେବ ଏବଂ ଚୂଡ଼ାନ୍ତ ରିପୋର୍ଟ ୨୦୨୬ରେ ବାହାରିବ। କିନ୍ତୁ ଏ ଯାବତ ଏଥିଲାଗି କିଛି ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ତେଣୁ ଚଳିତ ବର୍ଷ ଭାରତରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱାସ ନାହିଁ। ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ଜନଗଣନା ଏକ ବିରାଟ କାର୍ଯ୍ୟ। ଗାଁଠାରୁ ଆରମ୍ଭ କରି ସହର, ଜଙ୍ଗଲ, ପାହାଡ଼, ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଗଣନାରେ ସାମିଲ କରିବାକୁ ହେବ। କେହି ଜଣେ ହେଲେ ବ୍ୟକ୍ତି ଯେପରି ଏଥିରୁ ବାଦ ନପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏଥିପାଇଁ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏସମସ୍ତ କାର୍ଯ୍ୟ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତୁତିର ଆବଶ୍ୟକତା ରହିଛି ଯାହାର କୌଣସି ସୂଚନା ଏବେ ସୁଦ୍ଧା ନାହିଁ। ତେବେ କେନ୍ଦ୍ର ସରକାର ଆକସ୍ମିକ ଭାବେ ଜାତି ଗଣନା କରାଯିବ ବୋଲି ଯେଉଁ ଘୋଷଣା କଲେ ତାହା ପଛରେ କ'ଣ ରହସ୍ୟ ଅଛି ? କାହିଁକି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଲେ ଯାହାକୁ ପୂର୍ବରୁ ବିରୋଧ କରୁଥିଲେ ? ଏହାର କାରଣ ହେଲା ଭୋଟ ବ୍ୟାଙ୍କ ରାଜନୀତି। ଜାତିଗତ ଜନଗଣନା ଦାବି କରି କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଆଦିବାସୀ, ହରିଜନ, ଦଳିତ, ଅନ୍ୟ ପଛୁଆ ବର୍ଗଙ୍କ ସମର୍ଥନ ହାସଲ କରିବେ ବୋଲି ଆଶଙ୍କା କରି ବିଜେପି ଏହାକୁ ନିଜ ସପକ୍ଷରେ ଆଣିବାକୁ ଏଭଳି ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଜାତିଗତ ରାଜନୀତି ଲାଗି କୁଖ୍ୟାତ ବିହାରରେଦଳିତ ଏବଂ ଓବିସି ବର୍ଗଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏଥିପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରରେ ଜାତିଗତ ଜନଗଣନା ଦାବି କରି ଆସୁଥିଲେ। ସମ୍ଭବତଃ ନୀତିଶ କୁମାରଙ୍କ ପ୍ରରୋଚନା ଏବଂ ଚାପରେ ବିଜେପି ଜାତିଜନଗଣନା ପାଇଁ ନିଷ୍ପତ୍ତି ନେଇଛି। କାଳେ ବିହାରରେ ଆରଜେଡି-କଂଗ୍ରେସ ମେଣ୍ଟ ଜାତି ଭିତ୍ତିକ ଭୋଟର ସିଂହଭାଗ ନେଇଯିବ ସେଥିପାଇଁ ବିଜେପି ଜାତି ଗଣନା ପାଇଁ ନିଷ୍ପତ୍ତି ନେଇଛି। ଏହାକୁ ଅନେକ ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ ବୋଲି କହୁଛନ୍ତି। କିନ୍ତୁ ବାସ୍ତବରେ ଜାତି ଜନଗଣନା ହେବ କି ନାହିଁ, ଯଦି ହେବ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଏହା ହେବ ତାହା ଅସ୍ପଷ୍ଟ। କେନ୍ଦ୍ରର ଜାତି ଜଣନା ନିଷ୍ପତ୍ତିକୁ କଂଗ୍ରେସ ରାହୁଲ ଗାନ୍ଧିଙ୍କ ବିଜୟ ବୋଲି ଦାବି କରୁଛି। କାରଣ ରାହୁଲ ଗାନ୍ଧି ଜାତିଜନଗଣନା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ରାହୁଲ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ୫୦% ସଂରକ୍ଷଣ ସୀମାକୁ ହଟାଇଦେବେ।

# ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ବିପର୍ଯ୍ୟୟ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

*ସିଲିକନଭାଲୀ ବ୍ୟାଙ୍କ ଆମେରିକାର କାଲିଫର୍ଣ୍ଣିଆରେ ୧୯୮୩ରେ ସଂସ୍ଥାପକ ରୋଜର ବି ସ୍ମିଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୋଟ ୧୭.୪୮ ଲକ୍ଷ କୋଟି ଟଙ୍କା ଏହାର ପୁଞ୍ଜି ରହିଥିଲା । ଆମେରିକାର ଆଇଟି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ ପ୍ରତିଶତ କମ୍ପାନୀ ଏହି ବ୍ୟାଙ୍କ ସହ କାରବାର କରୁଥିଲେ । ଏହି ବ୍ୟାଙ୍କର ଶାଖା ସବୁ ଆମେରିକା ଛଡା କାନାଡା, ଚୀନ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ଆୟର୍ଲାଣ୍ଡ, ଇସ୍ରାଏଲ ଏବଂ ସ୍ୱିଡେନରେ ରହିଛି ।*

ବିଶ୍ୱର ଆର୍ଥିକ ଦେଣନେଣକୁ ନିୟନ୍ତ୍ରଣ କରୁଥିବା ଆମେରିକାର ଆର୍ଥିକ ବଜାରରେ ଏବେ ଅନିଶ୍ଚିତତା ଜାରି ରହିଛି । ନିକଟରେ ସିଲିକନ ଭାଲି ବ୍ୟାଙ୍କ, ସିଗନେଚର ବ୍ୟାଙ୍କ, ସିଲଭର ଗେଟ ବ୍ୟାଙ୍କରେ ବିପର୍ଯ୍ୟୟ ଘଟିଛି । ଅନ୍ୟକୁ ମାର୍ଗଦର୍ଶନ ଦେଉଥିବା, ଅନ୍ୟଦେଶର ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଉଠାଇଥିବା ଜର୍ଜ ସୋରୋସ , ହଡସନ୍ସ, ହିଣ୍ଡେନବର୍ଗ, ଏନ୍‌ଡବ୍ଲୁଟି ଆଦି ଏବେ ପ୍ରାୟ ଚୁପ୍ । କାଲିଫର୍ଣ୍ଣିଆ ରାଜ୍ୟର ଏବଂ ଆମେରିକାର ଏହି ୧୬ଶତମ ବଡ ବ୍ୟାଙ୍କ ୨୦୦୮ ପରେ ସବୁଠୁ ବଡ ବ୍ୟାଙ୍କ ଭାବେ ଦେବାଳିଆ ହେବା ସ୍ତରକୁ ଚାଲିଯାଇଛି । ସେଠାରେ ଅଧ୍ୟାପନା କରୁଥିବା ରଘୁରାମ ରାଜନ, ମୁକ୍ତ ଗଣମାଧ୍ୟମ, ନୋବେଲ ବିଜୟୀ ଅମର୍ତ୍ତ୍ୟ ସେନଙ୍କ ପରି ଲୋକମାନେ ଥିଲାବେଳେ ଏମିତି କାହିଁକି ହେଲା, ସେତେବେଳେ ସେମାନେ କଣ କରୁଥିଲେ ତାହାହିଁ ସବୁଠୁ ବଡ ପ୍ରଶ୍ନ ହୋଇଛି । ୧୦ ମାର୍ଚ୍ଚ ୨୦୨୩ରେ ସିଲିକନ ଭାଲୀ ବ୍ୟାଙ୍କ ବୁଡିଯିବାର ୨ଦିନ ପରେ ୧୨ ମାର୍ଚ୍ଚରେ ସିଗନେଚର ବ୍ୟାଙ୍କ ବୁଡିବାର ଖବର ଆସିଲା । ଏହାପରେ ଆମେରିକାର ରେଗୁଲେଟର ଏହି ଦୁଇ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେଲେ । ତେବେ ସିଲିକନ ଭାଲୀ ବ୍ୟାଙ୍କର ଖରାପ ଅବସ୍ଥା ଯୋଗୁ ପୃଥିବୀରେ ନିବେଶକମାନଙ୍କର ୩୮ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ତନ୍ମଧ୍ୟରେ ପ୍ରାୟ ୨୧ଟି ଭାରତୀୟ ଷ୍ଟାର୍ଟଅପ କମ୍ପାନୀ ରହିଥିବା କଥା କୁହାଯାଉଛି । ଆଶ୍ଚର୍ଯ୍ୟର ବିଷୟ ହେଲା ଯେ ଫୋର୍ବେସର ୨୦୨୩ ରିପୋର୍ଟରେ ଆମେରିକାର ଭଲ ବ୍ୟାଙ୍କର ତାଲିକାରେ ସିଲିକନ ଭାଲୀ ୨୦ଶତମ ସ୍ଥାନରେ ରହିଥିଲା । ବ୍ୟାଙ୍କ ବୁଡିବାର ୪ଦିନ ପୂର୍ବ ଯାଏଁ ବ୍ୟାଙ୍କକୁ ଷ୍ଟାରରେଟିଂ ଦିଆଯାଉଥିଲା । ବ୍ୟାଙ୍କର ସେୟାର ୭୦୦ରୁ ୪୦ ଡଲାରକୁ ଖସିଯିବା ଯୋଗୁଁ ଏମିତି ଅବସ୍ଥା ହେବା କଥା କୁହାଯାଉଛି । ୨୦୦୮ରେ ୱାସିଂଟନ ମ୍ୟୁଚୁଆଲ ଏମିତି ଦେବାଳିଆ ହୋଇ ୩୦୮ ବିଲିଅନ ଡଲାର ହରାଇଥିଲା ।

ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ଏଭଳି ବିପର୍ଯ୍ୟୟ କିଛି ନୂଆକଥା ନୁହେଁ । ସେଠାରେ ଗୋଟିଏ ବ୍ୟାଙ୍କର ପତନକୁ ସାଧାରଣ ବୋଲି ଧରାଯାଏ । ୧୯୮୭ରେ ଆମେରିକାରେ ଲେହମାନ ବ୍ରଦର୍ସ ଯୋଗୁ ଏବଂ ୧୭ମାର୍ଚ୍ଚ ୨୦୦୮ରେ ପୁନର୍ବାର ଏହି ସଂସ୍ଥା ପାଇଁ ବ୍ୟାଙ୍କିଂ ବ୍ୟବସ୍ଥାରେ ଭୂକମ୍ପ ଆସିଥିଲା । ସେତେବେଳେ ସଂସ୍ଥାର ସେୟାର ୩୮ ପ୍ରତିଶତ ହ୍ରାସ ପାଇଥିଲା । ୧୫ ସେପ୍ଟେମ୍ବର ୨୦୦୮ ବେଳକୁ ଲେହମାନ ବ୍ରଦର୍ସ ଦେବାଳିଆ ହୋଇଯାଇଥିଲା । ଏହାର ପ୍ରଭାବରେ ଆମେରିକାରେ ହାହାକାର ଆସିଥିଲା । ପୃଥିବୀରେ ଏହାର ପ୍ରଭାବରେ ପ୍ରାୟ ୨୧କୋଟି ଲୋକଙ୍କ ରୋଜଗାର ଚାଲିଯାଇଥିଲା । ଏବେ ସ୍ୱିଜରଲ୍ୟାଣ୍ଡର କ୍ରେଡିଟ ସୁସୀ ସଂସ୍ଥା ବୁଡିବା ଅବସ୍ଥାକୁ ଆସିଛି । ଆଦାନୀଙ୍କ ବିରୋଧରେ ହିଣ୍ଡେନବର୍ଗ ସଂସ୍ଥାର ନକାରାତ୍ମକ ରିପୋର୍ଟ ପ୍ରକାଶ ପାଇଲା ପରେ ଆଦାନୀଙ୍କ କୌଣସି ସେୟାରକୁ ସୁସୀ ଗ୍ରହଣ କରିବ ନାହିଁ ବୋଲି ଆଗୁଆ ଘୋଷଣା କରିଦେଲା । ହେଲେ ମାତ୍ର ୨୦ଦିନ ମଧ୍ୟରେ ସୁସୀ ବଜାରରେ ମାଙ୍କଡଚିତ୍ ମାରିଲା । ନିଜକୁ ମଧ୍ୟ ସୁସୀ ରକ୍ଷା କରିପାରିଲା ନାହିଁ । ତେଣୁ ଦ୍ୱିତୀୟ ବଡ ସ୍ୱିସ ବ୍ୟାଙ୍କ ସୁସୀ ବୁଡିବା ଯୋଗୁ ପୃଥିବୀର କଳାଟଙ୍କାର ଗନ୍ତାଘର ଭାବେ ପରିଚିତ ୟୁବିଏମ୍ ୩.୩ ବିଲିଅନ ଡଲାର ମୂଲ୍ୟରେ ଏହି ବ୍ୟାଙ୍କକୁ ଏବେ କିଣିନେଇଛି । ବିଗତ ଦିନରେ ସୁସୀ ବିରୋଧରେ ଅନେକ ଦୁର୍ନୀତି ଅଭିଯୋଗ ଆସିଥିଲା । ପୃଥିବୀର ୫୦ ଦେଶରେ ଏହାର ୧୫୦ ଶାଖାରେ ୫୦୦୦୦କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ତେଣୁ ବ୍ୟାଙ୍କିଂ ରେଟିଂ ସଂସ୍ଥା ମୁଡିଜ୍ ଏବେ ଟାର୍ଗେଟରେ ଆମେରିକାର ଅନ୍ୟ ୬ଟି ବ୍ୟାଙ୍କକୁ ରଖିଛି । ସେଗୁଡିକ ହେଲା (୧) ଫାଷ୍ଟ ରିପବ୍ଲିକ ବ୍ୟାଙ୍କ, (୨) ଜିଓନ୍ସ, (୩) ୱେଷ୍ଟର୍ଣ୍ଣ ଆଲିଆନ୍ସ, (୪) କୋମେରିକା, (୫) ୟୁଏମ୍‌ବି ଫାଇନାନ୍‌ସିଆଲ, (୬) ଇନଟ୍ରଷ୍ଟ ଫାଇନାନ୍‌ସିଆଲ୍ । ଏହିସବୁ ବ୍ୟାଙ୍କିଂ ସଂସ୍ଥା ଆଗାମୀ ଦିନରେ ମୁଣ୍ଡବ୍ୟଥାର କାରଣ ହେବାର ସମ୍ଭାବନା ରହିଛି । ଏଥିପାଇଁ ଜୋ ବାଇଡେନଙ୍କୁ ବାଧ୍ୟ ହୋଇ ସାଧାରଣରେ ଏ ସଂକ୍ରାନ୍ତରେ ବକ୍ତବ୍ୟ ଦେବାକୁ ପଡିଛି । କାରଣ ଆମେରିକା ଅର୍ଥ ବ୍ୟବସ୍ଥାରେ ୬୨୦ ବିଲିଅନ ଡଲାର ଇତି ମଧ୍ୟରେ କ୍ଷତି ହୋଇସାରିଲାଣି । ୧୯୮୭ ମାନ୍ଦାବସ୍ଥା ବେଳେ ଆମେରିକାରେ ସିଟିଗ୍ରୁପ, ଆପଲ ଏବଂ ଜେପି ମୋର୍ଗାନର ସେୟାର ୧୮ ପ୍ରତିଶତ ହ୍ରାସ ପାଇଲା ପରି ଏବେ ଆମେରିକା ଆର୍ଥିକ ବଜାରରେ ସେମିତି ଅବସ୍ଥା ଦେଖାଦେଇଛି ।

ସିଲିକନଭାଲୀ ବ୍ୟାଙ୍କ ଆମେରିକାର କାଲିଫର୍ଣ୍ଣିଆରେ ୧୯୮୩ରେ ସଂସ୍ଥାପକ ରୋଜର ବି ସ୍ମିଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୋଟ ୧୭.୪୮ ଲକ୍ଷ କୋଟି ଟଙ୍କା ଏହାର ପୁଞ୍ଜି ରହିଥିଲା । ଆମେରିକାର ଆଇଟି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ ପ୍ରତିଶତ କମ୍ପାନୀ ଏହି ବ୍ୟାଙ୍କ ସହ କାରବାର କରୁଥିଲେ । ଏହି ବ୍ୟାଙ୍କର ଶାଖା ସବୁ ଆମେରିକା ଛଡା କାନାଡା, ଚୀନ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ଆୟର୍ଲାଣ୍ଡ, ଇସ୍ରାଏଲ ଏବଂ ସ୍ୱିଡେନରେ ରହିଛି । କୋରୋନା ପରେ ଆଇଟି ସେବାର ବ୍ୟାପକ ବୃଦ୍ଧି ଯୋଗୁ ୨୦୧୯ରେ ଏହି ବ୍ୟାଙ୍କର ସଂପତ୍ତି ୫.୮୫ ଲକ୍ଷ କୋଟିରୁ ବଢି ୨୦୨୨ରେ ୧୭.୪୭ ଲକ୍ଷ କୋଟିରେ ପହଞ୍ଚିଯାଇଥିଲା । ସେମିତି ଅନ୍ୟ ଏକ ଦେବାଳିଆ ବ୍ୟାଙ୍କ ସିଗନେଚର ଆମେରିକାର ୨୯ଶ ସ୍ଥାନରେ ଥିବା ବ୍ୟାଙ୍କ । ଏହା ୨୦୦୧ରେ ସଂସ୍ଥାପକ ଜୋସେଫ ଜେ.ଡିପୋଲୋଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ନିଉୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି । ବ୍ୟାଙ୍କର ମୋଟ ପୁଞ୍ଜି ୯.୯୬ଲକ୍ଷ କୋଟି ଟଙ୍କା ରହିଛି । ୨୦୦୧ରେ ଆମେରିକାର ରିପବ୍ଲିକ ନେସନାଲ ବ୍ୟାଙ୍କ ଅଫ୍ ନିଉୟର୍କକୁ ଏଚ୍‌ଏସ୍‌ବିସି କିଣିନେଲା ପରେ ଉକ୍ତ ବ୍ୟାଙ୍କର କିଛି ଅଧିକାରୀ ମିଶି ଏହି ବ୍ୟାଙ୍କକୁ ଆରମ୍ଭ କରିଥିଲେ । ଏହି ବ୍ୟାଙ୍କର କର୍ମଚାରୀମାନେ ପ୍ରଥମେ ଅନେକ ଧନୀ ଆମେରିକୀୟଙ୍କୁ ବ୍ୟାଙ୍କ ସହ ଯୋଡିଥିଲେ । ୨୦୧୦ ପର୍ଯ୍ୟନ୍ତ ଏହାର ଗୋଟିଏ କାର୍ଯ୍ୟାଳୟ ନିଉୟର୍କରେ ଥିଲାବେଳେ ୨୦୨୩ ବେଳକୁ ଏହାର ଶାଖା ୪୦ରେ ପହଞ୍ଚିଯାଇଥିଲା । ୨୦୧୮ରେ ବ୍ୟାଙ୍କ କ୍ରିପ୍‌ଟୋ ମୁଦ୍ରାରେ ବ୍ୟବସାୟ ଆରମ୍ଭ କରିଥିଲା । ୨୦୨୧ପର୍ଯ୍ୟନ୍ତ ବ୍ୟାଙ୍କର ମୋଟ ଜମାର ୧୬ପ୍ରତିଶତ କ୍ରିପ୍‌ଟୋ ମୁଦ୍ରା ରହିଥିଲା, ଯାହା ୨୦୨୩ରେ ବୃଦ୍ଧିପାଇ ୩୦ ପ୍ରତିଶତ ହୋଇଥିଲା ।

ବ୍ୟାଙ୍କଗୁଡିକର ବୁଡିଯିବା ପଛରେ ଖରାପ ଋଣ ବୃଦ୍ଧି ପାଇବା ଏକ ପ୍ରମୁଖ କାରଣ ରହିଆସିଛି । କିନ୍ତୁ ଆମେରିକାର ବୁଡିଥିବା ପ୍ରମୁଖ ଦୁଇଟି ବ୍ୟାଙ୍କ ସିଲିକନଭାଲୀ ଏବଂ ସିଗନେଚର ବ୍ୟାଙ୍କ କ୍ଷେତ୍ରରେ ଯେଉଁ ଦୁଇଟି ପ୍ରମୁଖ କାରଣ ରହିଛି ତାହା ହେଲା ସୁଧହାରଜନିତ ବିପଦ, ଗ୍ରାହକଙ୍କ ଲାଭ ପାଇଁ ବିପଦବରଣ କରିବା (ଲିକ୍ୟୁଡିଟୀ) । ସୁଧହାରଜନିତ ବିପଦ (ଇଣ୍ଟରେଷ୍ଟ ରିସ୍କ) କଥା ବିଚାରିଲେ ଜଣାଯିବ ଯେ କୌଣସି ବ୍ୟାଙ୍କ ଅଳ୍ପ ସମୟ ମଧ୍ୟରେ ବାରମ୍ବାର ସୁଧହାର ବୃଦ୍ଧିକୁ ସମ୍ମୁଖୀନ ହେବା ଏକ ଆହ୍ୱାନର ବିଷୟ । ଏବେ ଆମେରିକା ବଜାରରେ ମୁଦ୍ରାସ୍ଫିତି ୪୦ ବର୍ଷରେ ସର୍ବାଧିକ ରହିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକାର ବ୍ୟାଙ୍କ ନିୟନ୍ତ୍ରଣକାରୀ ସଂସ୍ଥା ଫେଡେରାଲ ରିଜର୍ଭ ପକ୍ଷରୁ ମାର୍ଚ୍ଚ ୨୦୨୨ ପରବର୍ତ୍ତୀ ମାସଗୁଡିକରେ ଅନେକଥର ସୁଧହାର ବଢାଯାଇଛି, ଯାହା ଏବେ ୪.୫ ପ୍ରତିଶତରେ ପହଞ୍ଚିଛି ।

# ମାତ୍ର ସାତ ଚରିତ୍ରରେ ରାଜତନ୍ତ୍ର

॥ ସୁବାଶ ଦାସ ॥

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେଥିରୁ ବଞ୍ଚିବା ପାଇଁ ସବୁକିଛି ସବୁଜମୟ କରିବା ସକାଶେ ଏବେ ମଣିଷ ପ୍ରୟାସରତ । ପୂର୍ବରୁ ସବୁଜିମା ଥିଲା ପରିବେଶ । ଜୈବିକ ସାର ପ୍ରୟୋଗ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଉଥିଲା । ଯେତେବେଳେ ଲୋକସଂଖ୍ୟା ହୁ ହୁ ବଢ଼ିଲା ସେତେବେଳେ ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ସୀମିତ ଜମିରେ ଅଧିକ ଉତ୍ପାଦନ ଜରୁରୀ ହୋଇପଡ଼ିଲା । ଜୈବିକ ସାରା ଦ୍ୱାରା ଅଧିକ ଅମଳ ସମ୍ଭବ ନ ହେବାରୁ ରାସାୟନିକ ସାର ବିଷୟ ଚିନ୍ତା କରାଗଲା । ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବାପେକ୍ଷା ବହୁଗୁଣିତ ହେଲା । କିନ୍ତୁ ସେହି ଖାଦ୍ୟ ମଣିଷ ଦେହରେ ନାନା ରୋଗ ସୃଷ୍ଟି କରିବାରୁ ପୁଣି ଜୈବିକ ସାର ପ୍ରୟୋଗ ବିଷୟ ବିଶ୍ୱବ୍ୟାପୀ ଚାଷୀଙ୍କ ମୁଣ୍ଡକୁ ଢୁକିଛି । ହେଲେ ଓଡ଼ିଶାରେ କୃଷକଙ୍କୁ ସେତକ ବୁଦ୍ଧି ଜୁଟୁ ନାହିଁ । ଜଣେ ଚାଷୀର କିଆରିରେ ଗହ ଗହ ଶସ୍ୟ ଦେଖି ଆଉ ଜଣେ ଚାଷୀ ଲୋଭିଲା ହୋଇପଡୁଛି । ଅଧିକ ଫସଲ ଅମଳ ଆଶାରେ କ୍ଷେତରେ ୟୁରିଆ, ପଟାସ, ଗ୍ରୋମୋର ଭଳି ରାସାୟନିକ ସାର ପ୍ରୟୋଗ ହେଉଛି । ଏହି ଧାରାକୁ ନେଇ ଭାଗଚାଷୀ ବିକୃତ ପରିସ୍ଥିତି ସୃଷ୍ଟି କଲେଣି । ଜମି ମାଲିକ ପରବର୍ତ୍ତୀ ବର୍ଷରେ ଭାଗଚାଷ ଦେଇପାରନ୍ତି ବା ନ ଦେଇପାରନ୍ତି ସେହି ଆଶଙ୍କାରେ ସେମାନେ ଚାଷ କରୁଥିବା ଜମିରେ ଢ଼ାଳୁଛନ୍ତି ପ୍ରଚୁର ରାସାୟନିକ ସାର । ଏହାଦ୍ୱାରା ଚାଷ ଜମିର ଉର୍ବରତା ଦିନକୁ ଦିନ କମିବାରେ ଲାଗୁଛି । କୃଷି ବିଜ୍ଞାନରେ ଅଛି ଗୋଟିଏ ଜମିରେ ପ୍ରତିବର୍ଷ ସମାନ ଚାଷ ନ କରି ବର୍ଷକୁ ବର୍ଷ ଚାଷ ପରିବର୍ତ୍ତନ କରାଗଲେ କ୍ଷେତରେ ଉତ୍ପାଦିକତା ଶକ୍ତି ବୃଦ୍ଧି ପାଏ । ହେଲେ ମାନୁଛି କିଏ । ଗୋବର, ଖତ, ପିଡ଼ିଆ ମାନ୍ଧାତା ପ୍ରଣାଳୀ ଭାବି ତାହାକୁ ଗ୍ରହଣ କରାଯାଉନାହିଁ । ଅନ୍ୟ ପକ୍ଷରେ ରାସାୟନିକ ପଦାର୍ଥ ଆଜି ମଣିଷର ଜୀବନ ସହ ଜଡ଼ିତ ହୋଇଗଲାଣି । ସେଥିରୁ ସମ୍ପୂର୍ଣ୍ଣ ନିସ୍ତାର ନ ମିଳିଲେ ମଧ୍ୟ ହାନିକାରକ ଉପାଦାନ କମାଇବା ଦିଗରେ ଏବେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି । ଉପରୋକ୍ତ ବିଷୟକୁ ତର୍ଜମା କଲେ ଗୋଟିଏ କଥା ସ୍ପଷ୍ଟ ଯେ ରାସାୟନିକ ଉପାଦାନ ଥିବା ଯେ କୌଣସି ପଦାର୍ଥ ପରିବେଶ ଓ ପ୍ରାଣୀଜଗତ ପାଇଁ କ୍ଷତିକାରକ । ଏହାକୁ ହୃଦୟଙ୍ଗମ କରି ୧୯୯୧ରେ ପଲ୍ ଆନାଷ୍ଟାସ ଗ୍ରୀନ୍ କେମିଷ୍ଟ୍ରୀ ବା ସବୁଜ ରସାୟନ ଶବ୍ଦ ପ୍ରଣୟନ କରିଥିଲେ । ରସାୟନିକ ପଦାର୍ଥରେ କ୍ଷତିକାରକ ଉପାଦାନଗୁଡ଼ିକୁ ଅଲଗା କରାଯାଇ ତାହାକୁ ପରିବେଶ ଉପଯୋଗୀ କରାଯିବା ପ୍ରକ୍ରିୟା ପ୍ରସ୍ତୁତ କରିଥିବାରୁ ତାଙ୍କୁ ଗ୍ରୀନ୍ କେମିଷ୍ଟ୍ରୀର ଜନକ ବୋଲି କୁହାଯାଏ । ସେ ଏବେ ଆମେରିକାର ୟେଲ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର୍ ଗ୍ରୀନ୍ କେମିଷ୍ଟ୍ରୀ ଆଣ୍ଡ ଗ୍ରୀନ୍ ଇଞ୍ଜିନିୟରିଂ' ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଗ୍ରୀନ୍ କେମିଷ୍ଟ୍ରୀର ଲକ୍ଷ୍ୟ ହେଲା କୌଣସି ରସାୟନିକ ପଦାର୍ଥରେ ଥିବା ବିଷାକ୍ତ ଉପାଦାନକୁ କମାଇ ତାହାର ଦକ୍ଷତାକୁ ବଢ଼ାଇବା । ଫଳରେ ମୂଳସ୍ତରରୁ ହିଁ ପ୍ରଦୂଷଣକୁ କମାଯାଇପାରିବ । ସେଥିପାଇଁ ଏହି ଗ୍ରୀନ୍ କେମିଷ୍ଟ୍ରୀର ନୀତିର ପ୍ରଥମରେ କୁହାଯାଇଛି, କୌଣସି ପଦାର୍ଥ ସୃଷ୍ଟି ହେବା ପରେ ସେଥିରୁ ବିଷାକ୍ତ ଉପାଦାନ ପରିମାଣକୁ ନଷ୍ଟ କରିବା ଠାରୁ ଏହା କିଭଳି ରାସାୟନିକ ପଦାର୍ଥରେ ନରହିବ ସେ ଦିଗରେ ପଦକ୍ଷେପ ନେବା ଶ୍ରେୟସ୍କର ।

ଏବେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀ ଗ୍ରୀନ୍ କେମିଷ୍ଟ୍ରୀକୁ ଆପଣାଇଲେଣି । ପରିବେଶ ଉପରେ ରାସାୟନିକ ପଦାର୍ଥର ପ୍ରଭାବ କମାଇବା ଲାଗି ବିଭିନ୍ନ ପ୍ରକାର ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି । ଫଳରେ ପ୍ରାକୃତିକ ସମ୍ବଳର ସର୍ବାଧିକ ବ୍ୟବହାର କରାଯାଇପାରୁଛି । ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ ସବୁଜ ରସାୟନ ପ୍ରଣାଳୀ ଉପଯୋଗ କରିବା ଦ୍ୱାରା ସ୍ୱାସ୍ଥ୍ୟକର ଓ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିପାରିଛି । କର୍ମଚାରୀ, ପଡ଼ୋଶୀ, ଉପଭୋକ୍ତାମାନେ ସେଥିରୁ ଉପକାର ପାଇପାରୁଛନ୍ତି । ସେହିପରି ଲୁବ୍ରିଜୋଲ ଆଡ଼ଭାନ୍ସଡ଼ ମେଟେରିଆଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ସମ୍ପୂର୍ଣ୍ଣ ଭାବେ ଏକ ରାସାୟନିକ ପଦାର୍ଥ ଉତ୍ପାଦନକାରୀ ସଂସ୍ଥା । କିନ୍ତୁ ଏହା ଏକ ନୂତନ ପଲିମର ବିକଶିତ କରିଛି । ସିପିଭିସି ନାମକ ପାଇପ୍ ତିଆରିରେ ମାତ୍ର ୩୫ ପ୍ରତିଶତ ପେଟ୍ରୋଲିୟମ୍ ଉପାଦାନ ରହିଥିବା ବେଳେ ଅବଶିଷ୍ଟାଂଶ ସାଧାରଣ ଲୁଣ ବ୍ୟବହାର କରାଯାଇଛି । ଅତିକମ୍ ଖର୍ଚ୍ଚରେ ଏହା ପ୍ରସ୍ତୁତ ହୋଇଥିବାରୁ ବ୍ୟବହାରକାରୀ ଓ ପରିବେଶ ସକାଶେ ଉପଯୋଗୀ ହୋଇପାରିଛି । ସବୁଠାରୁ ମୁଖ୍ୟ ବୈଶିଷ୍ଟ୍ୟ ହେଲା ପାଇପକୁ ଶୀଘ୍ର ନଷ୍ଟ ହେବାରୁ ଏହା ରକ୍ଷା କରିଥାଏ । ଆମ ଚାରିପାଖେ ଥିବା ବିଭିନ୍ନ ରାସାୟନିକ ବସ୍ତୁରେ ବହୁମାତ୍ରାରେ ଟିକ୍ସିକ୍ ବା ବିଷାକ୍ତ ଉପାଦାନ ଭରି ରହିଛି । ଏପରିକି ଚାଇନାରୁ ଆସୁଥିବା ଖେଳଣାର ରାସାୟନିକ ପ୍ରଲେପ ଲଗାଯାଇଥିବାରୁ ତାହା କୁନି ପିଲାଙ୍କ ସ୍ୱାସ୍ଥ୍ୟହାନି କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି । ଏଭଳି ପରିସ୍ଥିତିରେ ଶିଶୁଙ୍କ ମାଟି ବା କାଠରେ ପ୍ରସ୍ତୁତ ଖେଳଣା ଦିଆଯାଇପାରନ୍ତା । ଅଥଚ ଅତ୍ୟାଧୁନିକ ବୋଲି କହୁଥିବା ଲୋକ ଯେତେ ଉପରକୁ ଉଠିଲେ ବି ଭଲ ଓ ଭେଲ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ ନାହିଁ । କଥାରେ ଅଛି ସବୁ ଚକଚକିଆ ସୁନା ନୁହେଁ । ତେଣୁ ଯେଉଁ ପଦାର୍ଥ ଲୋଭିଲା ଭଳି ଦେଖାଯାଉଛି ତାହା ପ୍ରତି ଆକର୍ଷିତ ନ ହୋଇ ପ୍ରଥମେ ପରଖା ଯିବା ଦରକାର । ପରିବେଶ ଉପଯୋଗୀ ପଦାର୍ଥ ଆଖିକୁ ଭଲ ଦିଶି ନପାରେ, କିନ୍ତୁ ସେଥିରେ ଜୀବନ ଅଛି । ଏତକ ସମସ୍ତେ ହେଜିବା ଦରକାର ।

*'ସାଇ ପ୍ୟାଲେସ', ସେକ୍ଟର-୮, ସିଡ଼ିଡ଼, ଡାକ୍ତର ଟମ୍ପେରୋଡ଼, କଟକ, ଦୂରଭାଷ : ୯୪୩୭୦୩୪୨୬୪*

# ରାମକଥା ରସବାହିନୀ

॥ ଦିଲ୍ଲୀପ କୁମାର ମହାରଣା ॥

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧ୍ୟାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ। ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତୱାଡ଼ା ବା ସାଠେୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା। ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧ୍ୟାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଛେଦ ପଡ଼ିଯାଇଥିଲା। ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି। ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି। 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା।

ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ୍ୟ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବୋତ୍କୃଷ୍ଟ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ।

ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ୍ୟ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ। ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି – 'ରାମକଥାର ଅମୃତ ଅଯୋଧ୍ୟା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱମାନସ ସରୋବରରୁ ଜାତ। ରାମଝରର କରୁଣାରସ, ଲକ୍ଷ୍ମଣଝରର ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ'। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧ୍ୟାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

## ରଥଯାତ୍ରା ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ମାଧବ ନନ୍ଦ ନାୟକ,ଉପଖଣ୍ଡ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ 1 ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଂ*ସିନ ଥିଲେ । ଆଜିର ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ । ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ସୁଖିଲା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା । ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ସେହିପରି ବିଦ୍ୟୁତ ବ୍ୟବସ୍ଥା ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ସେହିପରି ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଦେବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ

ଗଜପତି, (ମହାଭାରତ) : ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଆଜି ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ଗଜପତି, ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, କେ.ନାଗାରାଜୁ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଅଂଶୁମାନ ମହାପାତ୍ର, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି,ଡ଼. ମାୟାଧର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି, ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ, ପାରଳାଖେମୁଣ୍ଡି, ସଲମାନ ରାଇକା, ଜିଲ୍ଲା ମଙ୍ଗଳ ଅଧିକାରୀ ଗଜପତି, ଏସ. ଗିରିଧର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗଜପତି ପ୍ରମୁଖ ମଂ*ସିନ ଥିଲେ । ସମସ୍ତ ଅତିଥି ଗଣ ଯୋଗ ଦେଇ ନିଜ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ ଭବିଷ୍ୟତରେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ କହିଥିଲେ ଏହା ସହିତ ଆଗକୁ ଶିକ୍ଷାର ବିକାଶ କିଭୋଲି ହେବ ସେ ଦିଗ ଉପରେ କହିଛନ୍ତି ।

### ସାମ୍ବାଦିକ ଭବନ ସଦସ୍ୟଙ୍କୁ ନ ଜଣେଇ ଜିଲ୍ଲା ପ୍ରଶାସନର ଭବନ ପ୍ରତି ପ୍ରକାଶିତ ଚିଠିକୁ ନେଇ ସାମ୍ବାଦିକଙ୍କ ଅସନ୍ତୁଷ୍ଟ : ଜିଲ୍ଲାପାଳଙ୍କୁ ଭେଟିଲେ

ନୟାଗଡ଼, (ମହାଭାରତ) : ନୟାଗଡ଼ ସାମ୍ବାଦିକ ଭବନକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସମ୍ପର୍କିତ ପ୍ରକାଶିତ ଚିଠିକୁ କିଛି ବ୍ୟକ୍ତି ଭ୍ରମ ସୃଷ୍ଟି କରାଇବା ସହ ସାମ୍ବାଦିକ ଭବନ ବିରୁଦ୍ଧରେ ଚକ୍ରାନ୍ତ କରୁଛନ୍ତି । ଯାହାକୁ ନେଇ ଆଜି ସାମ୍ବାଦିକ ଭବନ ପରିସରରେ ସଂଖ୍ୟାଧିକ ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ, ଚନ୍ଦ୍ର ବିଜୟୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ହୁସେନ ଖାଁ ପ୍ରମୂଖ ମତ ବ୍ୟକ୍ତ କରିବା ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ପକ୍ଷରୁ ଚିଠି ପ୍ରକାଶ ପାଇବା ପୂର୍ବରୁ ଭବନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ କୌଣସି ଆଲୋଚନା କରାଯାଇନଥିଲା । ଏଣୁ ଉକ୍ତ ଚିଠିରେ କିଛି ସଂଶୋଧନ ଆବଶ୍ୟକତା ଦୃଷ୍ଟିରେ ରଖି ସଦସ୍ୟ ମାନେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ କରିଥିଲେ । ଦୀର୍ଘ ସମୟ ଧରି ଭବନ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରକାଶିତ ଚିଠିକୁ ସଂଶୋଧନ କରି ସମସ୍ତ ସାମ୍ବାଦିକଙ୍କ ହିତରେ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ସାମ୍ବାଦିକଙ୍କ ଦାବିକୁ ଗ୍ରହଣ କରିବା ସହ ଏ ସମ୍ପର୍କରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି ବୈଠକରେ ୪୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଭବନ ପରିସରରେ ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ । ସାମ୍ବାଦିକ ଭବନ କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା ବୈଠକ ପରିଚାଳନା କରିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର, (ମହାଭାରତ) : ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ବୁଧବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ଖୋଡାସିଙ୍ଗି ନିରଞ୍ଜନ ନଗର ପ୍ରଥମ ଲାଇନର ସୁବାଶିଷ ଦାଶ, ବୟସ ପ୍ରାୟ ୨୩ ହେବ ବୋଲି ପୁଲିସ କହିଛି । ସୂଚନା ଅନୁଯାୟୀ ବୁଧବାର ରାତି ପ୍ରାୟ ୧୧.୫୦ ସମୟରେ ବ୍ରହ୍ମପୁରରୁ କାମ ସାରି ମହିନ୍ଦ୍ରା ଥର ଗାଡ଼ିରେ ସାଙ୍ଗମାନଙ୍କ ସହ ଯାଉଥିବା ବେଳେ ଜାତୀୟ ରାଜପଥରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଗାଡିର ପଛ ପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଭାରସାମ୍ୟ ହରାଇ କାରଟି ଡିଭାଇଡ଼ର ଉପରେ ଚଢି ଏକ ଖଂଟକୁ ଧକ୍କା ଦେଇଥିଲା । ଫଳରେ କାରରେ ବସିଥିବା ସମସ୍ତେ ଗୁରୁତର ଆହତ ହୋଇଥିଲେ । ଗୋପାଳପୁର ପୁଲିସପେଟ୍ରୋଲିଂ କରୁଥିବା ବେଳେ ବେଳେ ଖବର ପାଇ ଘଟଣାସ୍ଥଳରେ ପହଂଚି ଗାଡ଼ିରେ ବସିଥିବା ସୁବାଶିଷଙ୍କ ସମେତ ୫ ଜଣଙ୍କୁ ଉଦ୍ଧାର ପରେ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇ ଥିଲେ । ସୁବାଶିଷଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ଭୁବନେଶ୍ୱର ଏକ ମେଡିକାଲ ନେଉଥିବା ସମୟରେ ଚମାଖଣ୍ଡି ନିକଟରେ ନିଶ୍ୱାସ ପ୍ରଶ୍ୱାସ ନଯିବାରୁ ପୁଣି ବ୍ରହ୍ମପୁର ମେଡିକାଲ ଆଣିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିବା ନେଇ ତାଙ୍କ ଦାଦା ଅଶୋକ କୁମାର ଦାଶ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ କେସ ନମ୍ବର ୧୩୬/୨୫ ମାମଲା ରୁଜୁ କରିଥିଲା ଏବଂ ମୃତଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ କହିଛି ।

## କାଳବୈଶାଖୀରେ ଭାଙ୍ଗିଲା ଫାର୍ମ, ମରିଗଲେ ୩ ଶହ କୁକୁଡ଼ା

ପାଟଣା, (ମହାଭାରତ) : ପାଟଣା ବ୍ଲକ ବଡ଼ପାଟଣା ପଂ*ାୟତ ଗୁଲୁଦୀପଶି ଗ୍ରାମର ଝାଟିପଡା ସାହିରେ କାଳବୈଶାଖୀ ଝଡ଼ ସମୟରେ ଗତକାଲି ଅପରାହ୍ନରେ ସୁରେନ୍ଦ୍ର ବାରିକଙ୍କ ବ୍ରଏଲର ଫାର୍ମଟି ସମ୍ପୂର୍ଣ୍ଣ ଉଡିଯିବା ସହ ଆଜବେଷ୍ଟ ଭାଙ୍ଗି ଖିନ ଭିନ ହୋଇଯାଇଛି । ଯାହା ଫଳରେ ଆଜବେଷ୍ଟ ପଡି ୩ ଶହ କୁକୁଡ଼ା ସମ୍ପୂର୍ଣ୍ଣ ଭାବେ ମରିଯାଇଥିବା ଦେଖାଯାଇଛି । ଲକ୍ଷାଧିକ ଟଙ୍କା ଋଣ କରି ସୁରେନ୍ଦ୍ର ଏହି କୁକୁଡ଼ା ଫାର୍ମଟି ନିର୍ମାଣ କରିଥିଲେ । କାଳବୈଶାଖୀ ସମୟରେ ଏହି କୁକୁଡ଼ା ଫାର୍ମରେ ଦେଢ଼ ହଜାରରୁ ଅଧିକ କୁକୁଡ଼ାଥିଲେ । ଏବେ ଏହି ଘଟଣା ପରେ ସେ ଚିନ୍ତାରେ ପଡିଯାଇଛନ୍ତି ।

# ନିଶା ମାଫିଆଙ୍କ ପସନ୍ଦ କନ୍ଧମାଳ ଭାଙ୍ଗ : ଭୁବନେଶ୍ୱର ଓ ପୁରୀକୁ ଚାଲିଛି ରୀତିମତ ଚାଲାଣ

ନୟାଗଡ଼, (ମହାଭାରତ) : କନ୍ଧମାଳ ଜିଲ୍ଲାର ଗଞ୍ଜେଇର ଚାହିଦା ଅଧିକ ବୋଲି ସମସ୍ତେ ଜାଣନ୍ତି । ମାତ୍ର ଏବେ ଏହି ଜିଲ୍ଲାର ଭାଙ୍ଗ ଉପରେ ନିଶା ମାଫିଆ ମାନଙ୍କ ନଜର ପଡ଼ିଛି । ସୁବିଧା ସୁଯୋଗ ଦେଖି ସେମାନେ ରୀତିମତ ଭାବେ ଏଠାରୁ ଭାଙ୍ଗ, ଭୁବନେଶ୍ୱର ଓ ପୁରୀକୁ ଚାଲାଣ କରୁଛନ୍ତି । କିଛି ଦିନ ତଳେ ଇଟାମାଟି ଥାନା ପୁଲିସ ୧୧ କ୍ୱିଂଟାଲ୍ ରୁ ଅଧିକ ଭାଙ୍ଗ ଜବତ କରିବା ପରେ ଏବେ ଏହି ଘଟଣା ଜଣାପଡ଼ିଛି । ଜବତ ହୋଇଥିବା ଭାଙ୍ଗର ମୂଲ୍ୟ ପ୍ରାୟ ୨୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିବା ପରେ ପୁଲିସର ହୋସ୍ ଉଡ଼ିଯାଇଛି । ଜବତ ହୋଇଥିବା ଭାଙ୍ଗ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିବା ପରେ ପୁଲିସ ଏବେ ନିଶା ମାଫିଆ ମାନଙ୍କ ପାଖରେ ପହଂ*ବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି । ଇଟାମାଟି ଥାନା ଗତ ମାସ ୨୬



ତାରିଖରେ ସିନା ଗୋଟିଏ ପିକଅପ୍ ଜବତ କଲା । ମାତ୍ର ଏହି ରାସ୍ତାରେ ରୀତିମତ ଭାବେ ଗାଡ଼ି ଗାଡ଼ି ଭାଙ୍ଗ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସୂଚନା ମୁତାବତ, କନ୍ଧମାଳ ଜିଲ୍ଲା ଭାଙ୍ଗର ଚାହିଦା ଏବେ ଅଧିକ ରହୁଛି । ଯେହେତୁ ଏହି ଜିଲ୍ଲାର ଗଞ୍ଜେଇର ଚାହିଦା ବାହାର ରାଜ୍ୟ ଓ ବଡ଼ ବଡ଼ ସହରରେ ଅଧିକ ରହୁଛି, ଏଣୁ ଏଠାରୁ ବହୁଳ ମାତ୍ରାରେ ଗଞ୍ଜେଇ ଚାଲାଣ କରାଯାଉଛି । ଏ ସମସ୍ତ ନିଶା ସାମଗ୍ରୀ ନୟାଗଡ଼ ରାସ୍ତାରେ ଚାଲାଣ କରାଯାଉଛି । ଯେତେବେଳେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରୁଛି, ସେତେବେଳେ ଗଞ୍ଜେଇ ଜବତ କରାଯାଉଛି । ଏବେ ଗଞ୍ଜେଇ ସହ ଭାଙ୍ଗ ଉପରେ ମାଫିଆ ମାନଙ୍କ ନଜର ପଡ଼ିଛି । ପୁଲିସର ଗତିବିଧି ଉପରେ ନଜର ରଖି ମାଫିଆ ମାନେ ବେଶ୍ ସନ୍ତର୍ପଣରେ ଲକ୍ଷ ଲକ୍ଷ ଟଙ୍କାର ଭାଙ୍ଗ ମଧ୍ୟ କିଣି ନେଉଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଭାଙ୍ଗ ବୋଝେଇ ଗାଡ଼ିକୁ ସୁରକ୍ଷା ଦେବା ପାଇଁ ଏହାର ଆଗେ ଆଗେ କିଛି ଯୁବକ ବାଇକ୍ ?ରେ ଆସୁଛନ୍ତି । ଘଟଣା ଘଟିବା ଦିନ ଇଟାମାଟି ଥାନା ପୁଲିସର ଏକ ଗାଡ଼ିକୁ ଏହି ଭାଙ୍ଗ ବୋଝେଇ ପିକଅପ୍ ରାସ୍ତା ଦେଇନଥିଲା । ପୁଲିସ ଗାଡ଼ି ବାରମ୍ବାର ହର୍ଣ୍ଣ ମାରୁଥିଲେ ମଧ୍ୟ ଉକ୍ତ ପିକଅପଟି ରାସ୍ତା ଦେଇନଥିଲା । ଫଳରେ ବାଧ ହୋଇ ପୁଲିସ ଯେତେବେଳେ ଏହି ଗାଡ଼ିକୁ ଅତିକ୍ରମ କରି ଏହା ସାମ୍ନାରେ ରହିଥିଲା, ପିକ୍ ?ଅପରେ ବସିଥିବା ଦୁଇ ଜଣ ଓହ୍ଲାଇ ସେଠାରୁ ଦୌଡ଼ି ପଳାଇଥିଲେ । ପୁଲିସ ସେମାନଙ୍କୁ ଗୋଡ଼ାଇ ମାଡ଼ି ବସିଥିବା ବେଳେ ସେମାନଙ୍କ ମୋବାଇଲ ଯାଂଚ କରି ଏହି ପିକ୍‌ଅପ୍‌କୁ ସୁରକ୍ଷା ଦେଇ ବାଇକରେ ଯାଉଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ଏତେ ପରିମାଣ ଭାଙ୍ଗ ଭୁବନେଶ୍ୱରକୁ ଚାଲାଣ କରାଯାଉଥିଲା ବୋଲି ଗିରଫ ହୋଇଥିବା ଯୁବକ ମାନେ କହିଥିଲେ । ଏଣୁ ପୁଲିସ ଏବେ ଭୁବନେଶ୍ୱରର କେଉଁ ମାଫିଆ ଏହି ଭାଙ୍ଗ କିଣୁଥିଲେ ଓ କନ୍ଧମାଳରୁ କିଏ ଏହାକୁ ଚାଲାଣ କରିଥିଲେ, ଏହାର ଏବେ ଇଟାମାଟି ଥାନା ପୁଲିସ ତଦନ୍ତ ଆରମ୍ଭ ଚଳାଇଛି ।

# ଐତିହାସିକ କୁହୁଡି ଲବଣ ସତ୍ୟାଗ୍ରହ ଦିବସ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପ୍ରତି ବର୍ଷ ମେ ୨୧ କୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ଭାବେ ପାଳନ କରାଯାଏ । ଏହି ଉତ୍ସବ କୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ଏହି ଉତ୍ସବ କୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ପୁରୀ ଜିଲ୍ଲା ସାଧାରଣ ପ୍ରଶାସନ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଲବଣ ସତ୍ୟାଗ୍ରହ ର ସଂଗ୍ରାମୀ ମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର ବୋଲି କହିଛନ୍ତି । ଆମ ଆଗାମୀ ପିଢି ଏହି ସତ୍ୟାଗ୍ରହ ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀ ମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତ ଙ୍କ ସହଯୋଗ ରେ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ନିର୍ଦ୍ଦେଶ ଦେବା ସହ,ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମ ର




ସଫଳ ଆୟୋଜନ ପାଇଁ ବିବିଧ ପ୍ରସ୍ତାବ ମାନ ଦେଇଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ ।ପ୍ରାରମ୍ଭରେ ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ପଂଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, ଅସ୍ତରଙ୍ଗ ସରପ* ରାମଚନ୍ଦ୍ର କାଣ୍ଡି, ସ୍ମୃତି କମିଟି ସାଙ୍ଗଠନିକ ସମ୍ପାଦକ ଭାଗିରଥି ଲେଙ୍କା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ସଂଗ୍ରାମୀ ସ୍ମୃତି ସମିତି ର କର୍ମକର୍ତା, ଲୋକ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ନିଷ୍ପତି ଅନୁସାରେ ମେ ୨୧ ତାରିଖ ପ୍ରାତଃ ସମୟରୁ କର୍ମକର୍ତାଙ୍କ ଦ୍ୱାରା ରାମ ଧୂଁନ ପରିବେଷେଣ,ସକାଳ ୭ ଘଟିକା ରେ ବରପୁତ୍ରଙ୍କ ପ୍ରତିମୂର୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ, ସକାଳ ୮ ଘଟିକା ରେ କୁହୁଡି ସ୍ମୃତି ପୀଠରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତୋଳନ,ସାଂସ୍କୃତିକ କାର୍ଯ୍ୟକ୍ରମ, ଫୋଟୋ ପ୍ରଦର୍ଶନୀ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ବୋମା ପକାଇ ଘୁଷୁରୀ ମାରିବା ଅଭିଯୋଗରେ ୨ ଗିରଫ

ଗୁରୁଡିଝାଟିଆ, (ମହାଭାରତ) : ବୋମା ପକାଇ ୨ ଘୁଷୁରୀ ମାରିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୨ ଅଭିଯୁକ୍ତ ସେଡେଙ୍ଗା ହେମ୍ବ୍ରମ ଓ ଭାଗବତ କରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେମ୍ବ୍ରମର ଘର ଦଣ୍ଡାପଡ଼ିଆରେ ହୋଇଥିବାବେଳେ କରଣ ଘର ସାରକୋଳି ଗାଁରେ ବୋଲି ତଦନ୍ତକାରୀ ଅଧିକାରୀ ତନୁଶ୍ରୀ ସାହୁ କହିଛନ୍ତି । ପ୍ରକାଶ ଯୋଗ୍ୟ ଗତ ମାସ ୨୫ ତାରିଖରେ କୁଷ୍ଣଙ୍ଗୀ ଗାଁ ସୂର୍ଯ୍ୟକାନ୍ତ ରାଉଳ ଘୁଷୁରୀ ରଖୁଥିବା ଜେମାଦେଇପୁର ଗାଁରେ ଅଭିଯୁକ୍ତମାନେ ହାତ ବୋମା ପକାଇ ଘୁଷୁରୀକୁ ମାରିଦେଇଥିଲେ । ଏହା ଦ୍ୱାରା ୨ ଟି ଘୁଷୁରୀର ମୃତ୍ୟୁ ହୋଇଥିଲା । ଏ ନେଇ ଥାନାରେ ଏତଲା ହେବା ପରେ ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଗୃହ ଉଦଘାଟନ କଲେ ବିଧାୟକ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ପାରାଢ଼ିପି ଗ୍ରାମ ପଂଚାୟତ ଅଭୟପୁର ଗ୍ରାମରେ ଚଳିତ ବୈଶାଖ ମାସ ଶୁକ୍ଳପକ୍ଷ ଦଶମୀ ତିଥି ବୁଧବାର ଦିନ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହା ତା ୦୭.୦୫. ୨୦୨୫ ରିଖ ବୁଧବାର ଠାରୁ ଆରମ୍ଭ ହୋଇ ତା ୦୯. ୦୫...୨୦୨୫ ରିଖ ଶୁକ୍ରବାର ପର୍ଯ୍ୟନ୍ତ ତିନିଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହେବ । ଠାକୁରଙ୍କ ରୀତିନୀତି ଅନୁଯାୟୀ ସକାଳ ୯ ଘଟିକାରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥିଲା ଏହାପରେ ୧୧.୨୫ରେ ଶ୍ରୀ ଶ୍ରୀ ରଘୁନାଥ ମନ୍ଦିରର ଚୂଡ଼ାମୁଣୀକୁ ରତ୍ନମୁଦ କରାଯାଇଥିଲା ।ଅପରାହ୍ନ ୪.୧୭ରେ ବାଲଣ୍ଡା ଦୁମୁହାଁଣ ରୁ ଜଳଲାଗି ୧୦୮ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମାନେ



କଳସଯାତ୍ରାରେ ବାହାରି ବାଲଣ୍ଡା ଗ୍ରାମ ପରିକ୍ରମା କରିବା ସହ ଅଭୟପୁର ଗ୍ରାମ ପରିକ୍ରମା କରି ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ପହଂ* କଳସ ସ୍ଥାପନ କରିଥିଲେ ।ସେଠାରେ ହୋମ ଯାଜ୍ଞ, ନାମ ସଂକୀର୍ତନ ହୋଇଥିଲା ।ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ଏହି ମହାନ ପର୍ବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ବିଭୁ କୃପାଲାଭ କରିଥିଲେ ଏବଂ ଶ୍ରୀ ଶ୍ରୀ ରଘୁନାଥ ମନ୍ଦିର,ଶ୍ରୀ ଶ୍ରୀ ରଘୁନାଥ ଜୀଉ ଗୋଷ୍ଠୀ କେନ୍ଦ୍ର,ଅଷ୍ଟପ୍ରହରୀ ମଣ୍ଡପ, ମା ଗ୍ରାମ ଦେବତୀଙ୍କ ମଣ୍ଡପ ଓ ଶ୍ରୀ ରଘୁନାଥଙ୍କ ରୋଷଇ ଗୃହ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଲକ୍ଷ୍ମୀପ୍ରିୟା ବେହେରା, ସ୍ଥାନୀୟ ସରପଂଚ ବିଭୁତି ଭୂଷଣ ପ୍ରଧାନ, ନୂଆଗାଁ ସରପଂଚ ଅମିତା ପରିଡ଼ା, ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ଶାସମଲ, ଜାକେଡ଼ା ସରପଂଚ ସୁମିତ୍ରା ଜାନି, ସମିତି ସଭ୍ୟା ପ୍ରଭାତୀ ମଳିକ, ମାଇଛେଳି ସରପ* ସ୍ୱାଗତିକା ପ୍ରିୟଦର୍ଶିନୀ,କୋରଡ଼ା ପୂର୍ବତନ ସରପଂଚ ଗୋଲଖ ବିହାରୀ ଗୋଛାୟତ, ନୂଆଗାଁ ଉଚ୍ଚ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ସମାଜସେବୀ ଶଙ୍କର୍ଷଣ ବେହେରା, ପାରାଢ଼ିପି ପଂଚାୟତ ବିଜେଡି ସଭାପତି, ଗ୍ରାମ ସଭାପତି ଶରତ ବେହେରା ସମେତ ଗ୍ରାମର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ । ଅଭୟପୁର ଗ୍ରାମବାସୀ ବୃନ୍ଦଙ୍କ ଦ୍ୱାରା ସମସ୍ତ ଅତିଥି ମାନଙ୍କୁ ଔପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ରହି ବିଭୁ କୃପାଲାଭ କରିଥିଲେ । ଏହା ସହିତ ପ୍ରସାଦ ସେବନର କାର୍ଯ୍ୟକ୍ରମ ହୋଇଥିଲା । ଭକ୍ତମାନେ ପ୍ରସାଦ ସେବନ କରିବା ସହ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭୟପୁର ଗ୍ରାମ୍ୟପରିଚାଳନା କମିଟି ସମେତ ସମସ୍ତ ଗ୍ରାମବାସୀ ବୃନ୍ଦ ବହୁମାତ୍ରାରେ ସହଯୋଗ କରିଥିଲେ ।

# ଖ୍ରୀଷ୍ଟିଆନ ଆତ୍ମୀୟ ଉଦ୍ଦିପନା ସଭାରେ ହିନ୍ଦୁ ବାବାଙ୍କୁ ବିରୋଧ

କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ବଢିବାରେ ଲାଗିଛି ଖ୍ରୀଷ୍ଟଆନ ମାନଙ୍କ ଧର୍ମାନ୍ତିକରଣ ।ଏହି ଧର୍ମାନ୍ତିକରଣକୁ ବନ୍ଦ କରିବାକୁ କନ୍ଧମାଳ ଜିଲ୍ଲାରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅଂଟା ଭିଡିଥିବା ବେଳେ କିଛି ଛଦ୍ମବେଶ ଧରି ସନାତନୀ ହିନ୍ଦୁ ବାବା ଖ୍ରୀଷ୍ଟିଆନ ଧର୍ମର ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ କରି ହିନ୍ଦୁ ଧର୍ମକୁ କୁଠାର ଘାତ କରିବା ସହିତ ମିସିନାରୀ ମାନଙ୍କୁ ପରୋକ୍ଷରେ ଭିତିରିଆ ସମ୍ପର୍କ ରଖି ସାହାଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ହିନ୍ଦୁ ସମାଜ । ଏଭଳି ଛଦ୍ମବେଶ ଧାରିଙ୍କ ପାଇଁ ଆଗରୁ କନ୍ଧମାଳ ଅଶାନ୍ତ ହୋଇଥିଲା । ବର୍ତମାନ କନ୍ଧମାଳ ବାସୀ ଭାଇଚାରା ନେଇ ବଚିଂଥିବା ବେଳେ ନିତ୍ୟାନନ୍ଦ ଭଳି ଦୁଗିଂ ବାବା ମାନଙ୍କ



ପାଇଁ କନ୍ଧମାଳରେ ଭାଇଚାରା ନଷ୍ଟ ହେଉଛି । ଗତକାଲି କନ୍ଧମାଳ ଜିଲ୍ଲା କନୂଆଗାଁ ବ୍ଲକ ବାଲିଗାଡା ଠାରେ ଖ୍ରୀଷ୍ଟ ଧର୍ମର ଆତ୍ମୀୟ ଉଦ୍ଦିପନା ସଭା ଆୟୋଜନ କରିଥିଲା କନ୍ଧମାଳ ଜିଲ୍ଲା ଖ୍ରୀଷ୍ଟିୟାନ ମିଳିତ ମଣ୍ଡଳି ।ଏହି ସଭା ୭ ଓ ୮ ଦୁଇଦିନ ଧରି ଚାଲିବାକୁ ନିଷ୍ପତି ହୋଇଥିଲା । କିନ୍ତୁ ଏହି ଖ୍ରୀଷ୍ଟିଆନ ସଭାରେ ମଧ୍ୟପ୍ରଦେଶରୁ ଯୋଗ ଦେବାକୁ ଆସିଥିବା ଜଣେ ସନାତନୀ ବାବା ନିତ୍ୟାନନ୍ଦ ଙ୍କୁ ଘୋର ବିରୋଧ କରିଥିଲା ଅନ୍ତଃରାଷ୍ଟ୍ରିୟ ହିନ୍ଦୁପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ।ଗତକାଲି ଅନ୍ତଃରାଷ୍ଟ୍ରିୟ ହିନ୍ଦୁପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଓଡିଶା ପ୍ରଦେଶ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ର ବାଲିଗାଡା ସଭା ସ୍ଥଳକୁ ଯିବା ସମୟରେ ରାସ୍ତାରେ ଅଟକ ରଖିଥିଲା ପୋଲିସ ପ୍ରଶାସନ ।ଏହାର ପ୍ରତିବାଦରେ ସନାତନୀ ହିନ୍ଦୁ ଭାଇମାନଙ୍କ ସହ ସେହି ସଭା ମଂଚରେ ଉପସ୍ଥିତ ଥିବା ବାବା ନିତ୍ୟାନନ୍ଦଙ୍କୁ ହଟାଯିବାକୁ ଜିଦରେ ଅଟଳ ରହି ରାସ୍ତା ଉପରେ ଦୀର୍ଘ ସମୟ ଧରି ବସି ରହିବାକୁ ସେଠାରେ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ।ଶେଷରେ କନ୍ଧମାଳ ଏସପି ହରିଶ ବିଶି ଘଟଣା ସ୍ଥଳରେ ପହଁଚି କନୂଆଗାଁ ଥାନାରେ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।ଏଭଳି ଛଦ୍ମ ବେଶୀ ବାବା ମାନେ ହେଉଛନ୍ତି ଦେଶ ପାଇଁ କଳଙ୍କ, ଏଭଳି ଦୁଙ୍ଗିବାବା ମାନେ ହିନ୍ଦୁଧର୍ମ ପରିତ୍ୟାଗ କରି ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତୁ, ଏହା ହିନ୍ଦୁ ସମାଜ ପ୍ରତି କୁଠାରଘାତ ବୋଲି କହିଛିନ୍ତି ଅନ୍ତଃରାଷ୍ଟ୍ରିୟ ହିନ୍ଦୁପରିଷଦ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ର । ଏହି ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳକୁ ପହଁଚିଥିଲେ ଧର୍ମଜାଗରଣ ସମିତି ଜିଲ୍ଲା ସଭାପତି ଗୁରୁରାମ ପାତ୍ର, କାହ୍ନୁଚରଣ ଗୋଡ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ସଭାପତି ଅରୁଣ ନାୟକ, ମୃତ୍ୟୁଞ୍ଜୟ ବେହେରା, ରାମହରି ପଣ୍ଡା, ରାଜେଶ ବେହେରା, ରତ୍ନାକର ମଳିକ, ଯବନ ପ୍ରଧାନ, କାର୍ତିକ ପ୍ରଧାନ, କପିଳ ସାହୁ ପ୍ରମୁଖ ପହଂ* ଥିଲେ । ଶେଷରେ ଏସପିଙ୍କ ସହିତ ଆଲୋଚନା କରି ଏହାର ଆଶୁ ସମାଧାନ ହୋଇଥିବା ଜଣାପଡିଛି ।

## ଭଗବାନ ଭରଷାରେ ଚାଲିଛି ପାରାଦୀପ ଟ୍ରାଫିକ ବ୍ୟବସ୍ଥା : ଦୁର୍ଘଟଣାରେ ଚାଲିଗଲା ପୁଣି ଏକ ନିରୀହ ଜୀବନ

ପାରାଦୀପ (ମହାଭାରତ): ପାରାଦୀପ ର ଅଠରବାଙ୍କି ରୁ ଦୋଛକି ମୁଖ୍ୟ ରାଜରାସ୍ତାରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଭଗବାନ ଙ୍କ ଭରଷାରେ ଟ୍ରାଫିକ ବ୍ୟବସ୍ଥା ଚାଲୁଥିବା ପରି ଲାଗୁଛି । ଏବାବଦରେ ପ୍ରଶାସନ ପକ୍ଷରୁ ବାରମ୍ବାର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବୈଠକ ମାନ ଚାଲୁଥିବା ବେଳେ ତାହା କେବଳ ଆଲୋଚନାରେ ସୀମିତ ରହୁଥିବା ଦେଖିବାକୁ ମିଳୁଛି । ତେବେ ଏହିପରି ଏକ ଘଟଣାରେ ପାରାଦୀପ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାଜରାସ୍ତାରେ ଏକ ବସ ଦୁର୍ଘଟଣାରେ ଜଣେ ନିରୀହ ଯୁବକର ମୃତ୍ୟୁ ଘଟିଛି । ଖବର ରୁ ପ୍ରକାଶ ଗୁରୁବାର ମଧ୍ୟାହ୍ନ ରେ ପାରାଦୀପ ରେ ଅସ୍ଥାୟୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମୟୁରଭଞ୍ଜ ଅଞ୍ଚଳର ଅଜିତ କୁମାର ହେମ୍ବ୍ରମ (୩୮) ପାରାଦୀପ ରେ ନିଜ ଡ୍ୟୁଟି ସରି ନିଜ ମଟର ସାଇକେଲ ରେ ଘରକୁ ଫେରୁଥିବା ବେଳେ ଏକ ଘରୋଇ ବସ ଅଉପୂର୍ଣ୍ଣା ନମ୍ବର ଓଡିକ୍ଷ୫ବି ୱାଇକ୍ଷ୭୭୮ ଜୋରରେ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇ ଲୋକମାନେ କିଛି ସମୟ ରାସ୍ତାରୋକ କରି କ୍ଷତିପୂରଣ ଦାବୀ କରିଥିଲେ । ଏଥିଯୋଗୁଁ ସେଠାରେ ରାସ୍ତା ଜାମ ହୋଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଖବର ପାଉ ପାରାଦୀପ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଜାମ ହଟାଇବା ସହସବ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇ ସମ୍ପୃକ୍ତ ଦୁର୍ଘଟଣା ଘଟାଇଥିବା ବସ ଓ ମଟର ସାଇକେଲ କୁ ଜବତ କରି ଅନୁସନ୍ଧାନ ଜାରି ରଖିଥିବା ଜଣାପଡିଛି ।

# ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

## ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ୭ ଜଣିଆ ପଂଚାୟତ ସ୍ତରୀୟ କମିଟି ଗଠନ



ଗଣିଆ (ମହାଭାରତ): ଗଣିଆ ବ୍ଲକର ସୀମାନ୍ତ ବଣଜଙ୍ଗଲ ଘେରା ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଚାଂୟତବାସୀଙ୍କ ଅନେକ ମୌଳିକ ସମସ୍ୟା କୁ ନେଇ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ସମାଧାନ ହୋଇପାରିନଥିଲା । ଯାହାକୁ ନେଇ ମଙ୍ଗଳବାର ଅପରାହ୍ନରୁ ଭାରତୀୟ ବିକାଶ ପରିଷଦ ନେତୃତ୍ୱରେ ବଡଶିଲିଙ୍ଗା ପଚାଂୟତର ଶତାଧିକ ମହିଳା ଓ ପୁରୁଷ ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବଡଶିଲିଙ୍ଗା ପଚାଂୟତର ବିଭିନ୍ନ ଗ୍ରାମର ସମସ୍ୟା ସମ୍ପର୍କରେ ପ୍ରଶାସନ ତୁରନ୍ତ ସମାଧାନ ପାଇଁ ଗତ ୨ତାରିଖରେ ୨୨ଟି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ଦାବୀପତ୍ର ଦେଇଥିଲେ । ତେବେ ବିଭିନ୍ନ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ , ବିଦ୍ୟୁ ସଂଯୋଗ, ଆଶା ଓ ଅଙ୍ଗନୱାଡ କର୍ମୀ ନିଯୁକ୍ତି, ଫୋନ୍ ଟାୱାର ନିର୍ମାଣ ଓ କାର୍ଯ୍ୟକ୍ଷମ, ପାନୀୟ ଜଳ ସମସ୍ୟା, କେନ୍ଦୁପତ୍ର ଫଡି , ପୋଖରୀ, କୋଠଘର, ସ୍ୱଛଭାରତ ପାଇଖାନା, ଆବାସ ଯୋଜନା , ଜଙ୍ଗଲଜମି ପଟ୍ଟା ପ୍ରଦାନ, ଜମିକୁ ଜଳସେଚନ ବ୍ୟବସ୍ଥା , ବଡଶିଲିଙ୍ଗାରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା ପରି ବିଭିନ୍ନ ସମସ୍ୟା ସମାଧାନ ସହ ବନ୍ୟପ୍ରାଣୀ ବିଭାଗ ତରଫରୁ ବିଭିନ୍ନ ଗ୍ରାମକୁ ନିର୍ମାଣ ହୋଇଥିବା ମାଟି ରାସ୍ତାର ଭିଜିଲାନ୍ସ ତଦନ୍ତ ସହ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ବଦଳି ପରି ବିଭିନ୍ନ ଦାବୀ କରିଛନ୍ତି । ବୁଧବାର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥୀ ମଲ୍ଲିକ,ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ, ଉପଖଣ୍ଡ ସ୍ତରୀୟ ଅଧିକାରୀ ବିଏସଏଲ ସମୀର କୁମାର ଦଳେଇ, ଗଣିଆ ଏସିଫ ସୁମନ ମାଝୀ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ମହାନ୍ତି, ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା ଧାରଣା ସ୍ଥଳରେ ପହଚିଂ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲା । ଗୁରୁବାର ଦିନ ତୃତୀୟ ଦିନରେ ଅନସନ ସ୍ଥଳରୁ ୫ଜଣ ଅନଶନ କାରିଙ୍କ ଦେହ ଅସୁସ୍ଥ ହେବାରୁ ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ରେ ଗଣିଆ ଗୋଷ୍ଠୀ ସ୍ୱାଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ସାଲାଇନ ଇଞ୍ଜେକଶନ ଦିଆଯିବା ସହିତ ମେଡ଼ିକାଲରେ ଆଡ଼ମିସନ କରାଯାଇଥିଲା । ଖବର ପାଇଁ ପୂର୍ବାହ୍ନରେ ନୟାଗଡ଼ ଜିଲାପାଳଙ୍କ ନିର୍ଦେଶ କ୍ରମେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦକ୍ଷର୍ ଘଟଣା ସ୍ଥଳରେ ପହଂଚି ଲୋକଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିଲା । ପରେ ଉପଜିଲ୍ଲାପାଳ ତତ୍ତ୍ୱାବଧାନ କ୍ରମେ ଗଣିଆ ବିଡ଼ିଓଙ୍କ ଆବାହକ କ୍ରମେ ପ୍ରତ୍ୟେକ ଲାଇନ ବିଭାଗକୁ ନେଇ ପଞ୍ଚାୟତର ଉର୍ଣ୍ଣତି ପାଇଁ ବ୍ଲକ କାଯ୍ୟାଳୟ ପରିସରରେ ଏକ କମିଟି ଗଠନ କରାଯାଇ ପ୍ରତ୍ୟେକ ମାସରେ ଅଗ୍ରଗତି ଓ ତ୍ୱରାନ୍ୱିତ ପାଇଁ ମାସିକ ବୈଠକ କରାଯିବକ୍ଷ ନିଷ୍ପତ୍ତି ଉପଜିଲ୍ଲାପାଳ କହିଥିଲେ ! ଏହାକୁ ନେଇ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିବା ସହିତ ଏଇ ବୈଠରେ ୭ ଜଣ ସଦସ୍ୟ ଉପସ୍ଥିତ ରହିବା ପାଇଁ ନିଷ୍ପତି ହୋଇଥିଲା । ଯଦିଓ ମାସେ କିମ୍ବା ଦୁଇମାସ ଭିତରେ କାଯ୍ୟରେ କୌଣସି ଅଗ୍ରଗତି ଦେଖାନଗଲେ ଆଗାମୀ ଦିନରେ ଆନ୍ଦୋଳନ କୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଥିଲେ ।ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଭରସା କରି ୩ ଦିନିଆ ଅନଶନକୁ ସ୍ଥଗିତ କରାଯାଇଥିଲା । ମୁସୁଗୁଡାରେ ପୋଷ୍ଟ ଅଫିସ ଥିଲେ ମଧ୍ୟ କେହି କର୍ମଚାରୀ ଉପସ୍ଥିତ ରହୁ ନଥିଲେ ଯାହାକୁ ନେଇ ଉପଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ । ଗୁରୁବାର ଦିନ ଡାକ ନିରୀକ୍ଷକ ମୁସୁଗୁଡା ଯାଇ ଡାକ ଅଫିସ ଚାଲୁ କରିଥିଲେ । ଖଣ୍ଡପଡା,ଭାରପ୍ରାପ୍ତ ଏସ . ଡି. ପି. ଓ ଦେବେନ୍ଦ୍ର ମହାପାତ୍ର ,ତହସିଲଦାର ପ୍ରୀତିବାଳକ୍ଷ ରଣା , ବି.ଡି.ଓ . ସାଗର କୁମାର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା ଉପସ୍ଥିତ ଥିଲେ ।

## ବିଶିଷ୍ଟ ଶିଳ୍ପଦ୍ୟୋଗୀ ମଦନ ମୋହନ ସ୍ୱାଇଁଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ



ପାରାଦୀପ(ମହାଭାରତ): ପାରାଦୀପ ଓ କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିଳ୍ପଦ୍ୟୋଗୀ, ସମାଜସେବୀ, ବରିଷ୍ଠ ରାଜନେତା, ଶିକ୍ଷାବିତ୍,ପାରାଦୀପ ଟ୍ରକ ମାଲିକ ସଂଘର ଉପଦେଷ୍ଟା,ମଦନ ମୋହନ ଆଇଟିଆ ର ପ୍ରତିଷ୍ଠାତା ମଦନ ମୋହନ ସ୍ୱାଇଁ (୬୮) ଙ୍କର ହୃଦଘାତରେ ଗୁରୁବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ନିଜ ଘର୍ କୁଜଙ୍ଗ ବ୍ଲକ ଅଧୀନ ନବାଡ଼ିଆରେ ଆଜି ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଅଠରବାଙ୍କି ସ୍ଥିତ ବିଜୁ ମେମୋରିଆଲ ହସପିଟାଲକୁ ନିଆ ଯାଇଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶେଷ ନିଶ୍ୱାସ ତ୍ୟାଗ କଲାବେଳେ ନିକଟରେ ବଡ ପୁଅ ସାମ୍ବାଦିକ ରତ୍ନାକର ସ୍ୱାଇଁ (ପପୁ) ଙ୍କ ସମେତ ଅନ୍ୟ ଦୁଇ ପୁଅ ଓ ପୁଅ ବୋହୂ ମାନେ ଉପସ୍ଥିତ ଥିଲେ । ମଦନ ସ୍ୱାଇଁ ଙ୍କ ପରଲୋକ ଖବର ପାଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,ପୂର୍ବତନ ସାଂସଦ ଡ଼ାକ୍ତର କୁଳମଣି ସାମଲ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ସୁଢ଼ଳ ସ୍ୱାଇଁ,ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା,ସୁଧାଂଶୁ ନାୟକ,ନାରାୟଣ ବେହେରା,ରାକେଶ ପଟ୍ଟନାୟକ, ରତ୍ନାକର ଜେନା,ବିବେକାନନ୍ଦ ରାଉତ,ପାରାଦୀପ ଟ୍ରକ ମାଲିକ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡା, କର୍ମକର୍ତ୍ତା ଓ ଅନ୍ୟ ଉପଦେଷ୍ଟାଙ୍କ ସମେତ ପାରାଦୀପ,କୁଜଙ୍ଗ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଠରବାଙ୍କି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସପିଟାଲରେ ପହଞ୍ଚି ଅମାୟିକ ବ୍ୟକ୍ତିତ୍ୱ ସ୍ୱର୍ଗତ ମଦନ ସ୍ୱାଇଁଙ୍କ ଅନ୍ତିମ ଦର୍ଶନ କରିଥିଲେ । ସ୍ୱର୍ଗତ ସ୍ୱାଇଁଙ୍କ ମର ଶରୀର କୁ ଏକ ବିରାଟ ଶୋଭାଯାତ୍ରାରେ ପାରାଦୀପ ସହର ଓ କୁଜଙ୍ଗ ଅଞ୍ଚଳ ସମେତ ନିଜ ଗ୍ରାମ ନବାଡ଼ିଆ ପରିକ୍ରମା କରିବା ପରେ ଗ୍ରାମ ଶ୍ମଶାନରେ ଭାଇ,ବନ୍ଧୁ,ଜ୍ଞାତି ସହୋଦର ମାନଙ୍କ ଗହଣରେ ଅନ୍ତିମ ସତ୍କାର କରାଯାଇଥିଲା ଏବଂ ବଡ ପୁଅ ପପୁ (ରତ୍ନାକର) ମୁଖାଗ୍ନି ଦେଇଥିଲେ । ସୂଚନାଥାଉକି, ସ୍ଥାନୀୟ ଅଞ୍ଚଳରେ ଯୁବକ ମାନଙ୍କ ଆତ୍ମନିର୍ଭରଶୀଳ ପାଇଁ ବୈଷୟିକ ଶିକ୍ଷା ର ଗୁରୁତ୍ୱ କୁ ଉପଲକ୍ଷି କରି ଶ୍ରୀ ସ୍ୱାଇଁ ପାରାଦୀପ ଉପକଣ୍ଠ ହସିଣା ଠାରେ ୨କ୍ଷକ୍ଷ୭ ମସିହାରେ ମଦନ ମୋହନ ଆଇଟିଆଇ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ତେବେ ସ୍ୱର୍ଗତ ସ୍ୱାଇଁ ଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ସମାରୋହ




ଆସିକା (ମହାଭାରତ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ବିଶ୍ୱ ରେଡକ୍ରସ ଦିବସ ସମାରୋହ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆନୁଷ୍ଠାନିକ ରୂପେ ଅନୁଷ୍ଠିତ ହୋଇଯାଇଛି । ସ୍ୱମହାବିଦ୍ୟାଳୟ ଯୁବ ରେଡକ୍ରସ ଉପଦେଷ୍ଟା ଡ. ଅଜିତ କୁମାର ମୁନୀ ଅତିଥିମାନଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ ପୂର୍ବକ ମଞ୍ଚାସୀନ କରାଇଥିଲେ । ଏହି ସମାରୋହରେ ଦକ୍ଷିଣ ଓଡ଼ିଶା ଯୁବ ରେଡକ୍ରସ ଶାଖାର ଉପଦେଷ୍ଟା ଅବସର ପ୍ରାପ୍ତ ଅଧକ୍ଷ ପ୍ରଫେସର ବି. ଗୋବିନ୍ଦ ରାଓ ମୁଖ୍ୟ ବକ୍ତା ରୂପେ ଏବଂ ସ୍ୱମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ପ୍ରଥମେ ବେଦ ଗବେୟିା ଧନଞ୍ଜୟ ମହାପାତ୍ରଙ୍କ ପବିତ୍ର ବେଦମନ୍ତ୍ର ଧ୍ୱନୀରେ ଅତିଥିଙ୍କ ଦ୍ୱାରା ଦେବ ବିଗ୍ରହ ସମେତ ସାର ଜିନ୍ ହେନେରୀ ଡ୍ୟୁନଟଙ୍କ ବିଗ୍ରହରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ଡ. ମୁନୀ ସଭା ସଂଯୋଜନା କରିଥିଲେୟ ଅଧକ୍ଷ ସ୍ୱାଗତ ଭାଷଣ ଏବଂ ବିଶ୍ୱ ରେଡକ୍ରସ ଦିବସର ମୁଖ୍ୟ ଉଦ୍ଦେଶ୍ୟ ସଂପାଦନ କରିଥିଲେ । ସଂପ୍ରତି ବିଶ୍ୱ ରେଡକ୍ରସର ବାର୍ତ୍ତା ଥିଲା - ମାନବିକତାର ପାର୍ଶ୍ୱରେ । ମହାମାନ୍ୟ ତଥା ରେଡକ୍ରସର ପୃଷ୍ଠପୋଷକ ସାର୍ ଜିନ ହେନରୀ ଡ୍ୟୁନଟଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ବି. ଗୋବିନ୍ଦ ରାଓ ରେଡକ୍ରସର ଇତିହାସ ସହ ସାର ଜିନ୍ ହେନରୀ ଡ୍ୟୁଟ୍ ସନଫ୍ରାନ୍ସିକୋ ଯୁଦ୍ଧ ବିଭିଷୀକାରେ କ୍ଷତବିକ୍ଷତ ସୈନିକମାନଙ୍କୁ କିପରି ସେବାଶୁଶ୍ରୁଷା ପ୍ରଦାନ କରିଥିଲେ ତାହାର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ହେନରୀ ଡ୍ୟୁନଟ ସେବା ଓ ମାନବିକତାର ପଥପ୍ରଦର୍ଶକ ରୂପେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ । ନୋବଲ ଶାନ୍ତି ପୁରସ୍କାରର ପ୍ରଥମ ହକଦାର ଥିଲେ ସାର ଜିନ ହେନରୀ ଡ୍ୟୁନଟ । ସମ୍ମାନିତ ଅତିଥି ଡ. ଅଧିକାରୀ ମାନବ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିବା ପାଇଁ ଯୁବ ପୀଢୀଙ୍କୁ ଆହ୍ୱାନ କରିଥିଲେ । ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖାର ଶୀର୍ଷ ସ୍ୱେଚ୍ଛାସେବକ ରୂପେ ଛାତ୍ର ଶ୍ରୀ ପବନ କୁମାର ପଟ୍ଟନାୟକ ଏବଂ ଶୀର୍ଷ ସ୍ୱେଚ୍ଛାସେବିକା ରୂପେ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପଟ୍ଟନାୟକଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସଭା କକ୍ଷରେ ମହାବିଦ୍ୟାଳୟ ଯୁବ ରେଡକ୍ରସ ଏବଂ ରେଡ ରିବନ୍ କ୍ଲବର ପ୍ରାୟ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଉପସ୍ଥିତ ଥିବାର ନଜିର ରହିଥିଲା । ପରିଶେଷରେ ଯୁବ ରେଡ୍ ରିବନ କ୍ଲବର ଉପଦେଷ୍ଟା ହିନ୍ଦୀ ଅଧ୍ୟାପକ ରାଜେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳା ଚନ୍ଦନ ମେଳା ରେ ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ



ଦେବଗଡ଼ :(ମହା ଭାରତ) ତା ୮/୫/ଗୁରୁବାର ,ଆଜି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ର କଳା ଚନ୍ଦନ ମେଳା ରେ ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ, ପାଲଲହଡ଼ା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି,ଦେବଗଡ଼ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଅଧକ୍ଷ ପଞ୍ଚାୟତ କଲେଜ କଳାପ୍ରଭାସ ପ୍ରଧାନ,ଏବଂ ଉପଦେଷ୍ଟା ଓ ଦେବଗଡ଼ ଜିଲ୍ଲା ବି ଯେ ପି ସଭାପତି ଅରୁଣ କୁମାର ସାହୁ ,ଯୋଗଦାନ କରିଥିଲେ ।

## ଘରେ ପଶି କଳାକନା ବୁଲେଇଲେ ଚୋର

ଗୋପାଳପୁର : ଗୋଳ୍ୟରା ଥାନା ଅନ୍ତର୍ଗତ ଦାନପୁର ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରର ବାରି କବାଟ ଭାଙ୍ଗି ୨୫ ଭରି ସୁନା ଅଳଙ୍କାର ସହ ନଗଦ ୪୦ ହଜାର ଟଙ୍କା ଚୋରି ହୋଇଥିବା ଗୋଳ୍ୟରା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତ୍ତି କରି ପୋଲିସ ଓ ସାଇଣ୍ଟିଫିକ ଟିମ ସନ୍ଧନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଦାନପୁର ଗ୍ରାମର ଦେବରାଜ ମହାନ୍ତି ନିଜ ଘରେ ରହୁଥିବା ବେଳେ ମଙ୍ଗଳବାର ଘର ରଙ୍ଗ କାମ ଚାଲିଥିବା ଯୋଗୁ ଘର ତାଲା ବନ୍ଦ କରି ରାତିରେ ପରିବାର ବର୍ଗ ଙ୍କ ସହ ଉପର ମହଲାରେ ସମସ୍ତେ ସୋଇଥିଲେ । ରାତି ୩ ଟା ବେଳେ ଦେବରାଜ ପରିସ୍ରା ପାଇଁ ଉଠି ଦେଖିଲେ ଘର ଆଲମାରୀ ଭଙ୍ଗା ଯାଇଥିବା ସହ ଆସବାସ ପତ୍ର ଏପଟେ ସେପଟେ ପଡିଥିଲା । ସନ୍ଦେହ ହେବାରୁ ଘର ପ୍ରତି ରୁମ ବୁଲି ଦେଖିବା ବେଳେ ବାରି ପଟ କବାଟ ଭାଙ୍ଗି ଚୋର ମାନେ ପଶି ଚୋରି କରିଥିବା ଜାଣିପାରିଥିଲେ ।ଏ ନେଇ ଗୋଳ୍ୟରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ।

## ତୁରୁମୁଙ୍ଗାରେ ୨୪ ଟିକିଆ ହାତୀପଲ

ପାଟଣା (ମହାଭାରତ): ଚମ୍ପୁଆ ବନାଞ୍ଚଳରେ ଡେରା ପକାଇଥିବା ୨୪ ଟିକିଆ ହାତୀପଲ ଗତରାତି ୧୦ ଟା ସମୟରେ ପାଟଣା ବନାଞ୍ଚଳ ଇଲାକାକୁ ପ୍ରବେଶ କରିଛନ୍ତି । ଏହି ହାତୀପଲ ୪୯ ନଂ ଜାତୀୟ ରାଜପଥ ୪ ଲେନ୍ ପାରି ହୋଇ ଆସିବା ସମୟରେ ରାସ୍ତାରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା । ଏହି ହାତୀପଲ ଆଜି ଦିନ ତମାମ ତୁରୁମୁଙ୍ଗା ତଳ ସାହି ଆମ୍ବ ବାଗନରେ ଡେରା ପକାଇଛନ୍ତି । ଏହି ହାତୀପଲ ୫ ଟି ଦନ୍ତା ,୧୩ ଟି ମାଈ ହାତୀ ଓ ୬ ଟି ଶିଶୁ ହାତୀ ଥିବା ଜଣାପଡିଛି । ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଓ କେନ୍ଦୁଝରରୁ ଆସିଥିବା ସ୍ୱତନ୍ତ୍ର ଟିମ ଆଜି ଦିନ ତମାମ ହାତୀ ପଲଙ୍କ ଉପରେ ନଜର ରଖିଛନ୍ତି ।

## ଭାଲୁ ଆକ୍ରମଣ ରେ ଜଣେ ଗୁରୁତର

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡ଼ିହା ଗ୍ରାମରେ ଗୁରୁବାର ମଧ୍ୟାହ୍ନ ସମୟରେ ଦୁଇଟି ଭାଲୁର ଆକ୍ରମଣ ରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି ।ଗୁରୁତର ଜଣକ ହେଉଛନ୍ତି ପଣସଡ଼ିହା ଗ୍ରାମର କୁମୁଦ ସେନାପତି (୪୫) ବୋଲି ଜଣାପଡିଛି ।ଗୁରୁତର ଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚକିତ୍ସା ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ ଗୁରୁତର ଥିବା କୁମୁଦ ସେନାପତି (୪୫) ତାଙ୍କର ଛେଳି ଗୁଡିକୁ ଚରାଇବା ପାଇଁ ଗ୍ରାମ ନିକଟବର୍ତ୍ତୀ ମହାପାଟ ହୁଡ଼ି ଜଙ୍ଗଲ କୁ ନେଇଥିଲେ ।ଛେଳି ଚରାଉ ଥିବା ବେଳେ ଦିନ ପ୍ରାୟ ୧୨.୩୦ ସମୟରେ ଜଙ୍ଗଲ ଭିତରେ ୨ଟି ଭାଲୁ ସମ୍ମୁଖରେ ପଡିଯାଇଥିଲେ ।ଫଳରେ ଭାଲୁ ଦୁଇଟି ତାଙ୍କୁ ଆକ୍ରମଣ କରିଦେଇଥିଲେ ।ଏହି ସମୟରେ କୁମୁଦ ପାଟି କରିବାରୁ ଆଖପାଖ ରେ ଥିବା ଅନ୍ୟ ଲୋକ ମାନେ ଘଟଣାସ୍ଥଳ ରେ ପହଞ୍ଚି ଯିବାରୁ ଭାଲୁ ଦୁଇଟି ଖସି ପଳାଇ ଥିଲେ ।ପରେ ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବନବିଭାଗ କର୍ମଚାରୀ ସହଯୋଗ ରେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ, ମୁହଁ , କାନା ଗଭୀର କ୍ଷତ ହୋଇଥିବାରୁ ରକ୍ତସ୍ରାବ ବନ୍ଦ ହୋଇ ନଥିଲା ।ପରେ ସେଠାରୁ ତାଙ୍କର ଅଧିକ ଚିକିତ୍ସା ପାଇଁ ଡାକ୍ତର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରି ଜଣାପଡିଛି ।

## ବସଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ଚାଲିଲା ବୁଲଡୋଜର, ଆକ୍ସନ୍ ମୋଡ଼ରେ ତହସିଲଦାର



ଲଡୁଗାଁ : ସମ୍ପ୍ରତି କୋକସରା ବିକାଶ କହିଲେ କେବଳ ଗାଁ ରାସ୍ତାକଡ଼ । ଯେ କୌଣସି ବିକାଶୋନ୍ମୁଖୀ ପ୍ରକଳ୍ପ ନିର୍ମାଣ କଥା ପଡ଼େ ଆଉ ବିବାଦରେ ରହିଯାଏ ।ସେହିଭଳି ବସଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ ମଧ୍ୟ ପୂର୍ବ ସରକାର ଅମଳରୁ ବିବାଦୀୟ ହୋଇ ପଡ଼ି ରହିଥିଲା । ଗୁରୁବାର ଏହାର ଅନ୍ତ ଘଟିଛି । ଏବେ ଆକ୍ସନ ମୋଡ଼ରେ କୋକସରା ତହସିଲଦାର କେ.ବି. ଭାରତ ନାଗ ।ତାଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ବୁଲ୍ଡୋଜର ଚାଲିଲା ଓ ଜବର ଦଖଲ ଉଚ୍ଛେଦ ହେଲା । ସୂଚନା ମୁତାବକ ବିଜେଡି ସରକାର ସମୟରେ ପ୍ରତି ବ୍ଲକ ସଦରରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିଥିଲେ । ସେହି ଅନୁସାରେ କୋକସରା ବ୍ଲକ ସଦର ମହକୁମାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମଧ୍ୟ ୬ କୋଟି ୬୯ ଲକ୍ଷ ଅନୁଦାନ ଆସିଛି ।ତେବେ କୋକସରାରେ ହେବାକୁ ଥିବା ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପୁରୁଣା ବଜାର ପଡିଆକୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ପୁଲିସ ହାଉସିଂ ବୋର୍ଡ଼ କଳାହାଣ୍ଡିକୁ ହସ୍ତାନ୍ତର କରାଯାଇଛି ।ଏହି ବସ୍ ଷ୍ଟାଣ୍ଡ ଦୀର୍ଘ ଦୁଇ ବର୍ଷ କାଳ ବିବାଦରେ ରହିଥିଲା । ନୂତନ ତହସିଲଦାର କୋକସରା ବିକାଶକୁ ଦୃଷ୍ଟିରେ ରଖି ଜବର ଦଖଲ ଉଚ୍ଛେଦ କରିଛନ୍ତି । ୨ ମାର୍କେଟ କମ୍ପଲେକ୍ସ ବିଲ୍ଡିଂ, ପୁରୁଣା ଗୁଡ଼ହାଣ୍ଡି ମ□, ପୁରୁଣା ଦୁର୍ଗା ମଣ୍ଡପ, ୩ କଚ୍ଚା ଘର ଓ ୧ ଚ ଦୋକାନ ଉଚ୍ଛେଦ ପ୍ରକ୍ରିୟା ମଧ୍ୟରେ ଜବର ଦଖଲରେ ରହିଥିଲା । ୮୪ ଡିସିମିଲ ସରକାରୀ ଜମିରେ ନିର୍ମାଣ ହେବ ନୂତନ ବସଷ୍ଟାଣ୍ଡ । ଏହି ଉଚ୍ଛେଦ ପ୍ରକ୍ରିୟାରେ ତହସିଲଦାରଙ୍କ ସମେତ ଅତିରିକ୍ତ ସବ୍ କଲେକ୍ଟର ମନମଥ ବେହେରା, ରାଜ୍ୟ ସଡ଼କ ପରିବହନ ନିଗମ କଳାହାଣ୍ଡି ଡି ଏମ୍ ସ୍ୱଦେଶ କୁମାର ପାତ୍ର, ପୋଲିସ ହାଉସିଂ ବୋର୍ଡ ଡେପୁଟି ମେନେଜର ମିତାଲି ମଧୁସ୍ମିତା ରାଉତରାୟ, ଓଏସଆରଟିସି ଆକାଉଣ୍ଟା□ ଅଭିଜିତ ଦାସ , କୋକସରା ରାଜସ୍ୱ ନିରୀକ୍ଷକ ମମତା ସାଏ, କୋକସରା ସରପ□ କିଶୋର ପ୍ରଧାନୀ, ପୁଲିସ ହାଉସିଂ ବୋର୍ଡ କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ଭୋଇ କୋକସରା ଅଗ୍ନିଶମ ବିଭାଗ, କୋକସରା ପୋଲିସ, କୋକସରା ଟାଟା ପାୱାର କର୍ମଚାରୀ, କୋକସରା ସଚେତନ ନାଗରିକ ମଞ୍ଚ ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳପୁରର ଆହାର କେନ୍ଦ୍ର ଯାଞ୍ଚ କଲେ ଏନଏସି ଅଧକ୍ଷ



ଗୋପାଳପୁର : ଗୋପାଳପୁର ବସଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ରକୁ ଅଚାନକ ଏନଏସି ଅଧକ୍ଷ ଏ ଜାନକୀ ରାମଙ୍କ ସମେତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଅଚାନକ ପହଞ୍ଚି କେନ୍ଦ୍ରର ସଫା ସୁତୁରା ଅଛି କି ନାହିଁ ତଦାରଖ କରିବା ସହ, ପାନୀୟ ଜଳର ବ୍ୟବସ୍ଥା ଦେଖିଥିଲେ ଏବଂ ରନ୍ଧାଖାଦ୍ୟ ମଧ୍ୟ ଖାଇଥିଲେ । ଗତ ବର୍ଷ ଶ୍ରୀ ଗୁପ୍ତେଶ୍ୱର ମହିଳା ସଙ୍ଘକୁ ଆହାର କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଏ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସହ ଯୋଗାଯୋଗ ବେଳେ କେନ୍ଦ୍ର ପରିସର ସଫା ସୁତରା ରହିଥିବା ସହ ରନ୍ଧା ଖାଦ୍ୟ ସ୍ୱାଦିଷ୍ଟ ଏବଂ ଉତ୍ତମ ମାନର ରହିଛି ବୋଲି ସେ କହିଛନ୍ତି ।ଏହି ଭଳି ଖାଦ୍ୟର ମାନ ଜାରି ରଖିବାକୁ ସଙ୍ଘକୁ କୁହାଯାଇଥିବା କହିଛନ୍ତି ।ତଦାରଖବେଳେ ,ସିଇଓ ସାଗରିକା ବିଷୋୟୀ, କାଉନସିଲର ଜି.ମୋହନ, କେ. କଳେଶ୍ୱ, ଜି. ମୋହନ ରାଓ, ଏସ. ବୀରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ବୋମା ପକାଇ ଘୁଷୁରୀ ମାରିବା ଅଭିଯୋଗରେ ୨ ଗିରଫ

ଗୁରୁଡିଝାଟିଆ : ବୋମା ପକାଇ ୨ ଘୁଷୁରୀ ମାରିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୨ ଅଭିଯୁକ୍ତ ସେଡେଙ୍ଗା ହେମ୍ବ୍ରମ ଓ ଭାଗବତ କରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେମ୍ବ୍ରମର ଘର ଦଣ୍ଡପଡ଼ିଆରେ ହୋଇଥିବାବେଳେ କରଣ ଘର ସାରକୋଳି ଗାଁରେ ବୋଲି ତଦନ୍ତକାରୀ ଅଧିକାରୀ ତନୁଶ୍ରୀ ସାହୁ କହିଛନ୍ତି । ପ୍ରକାଶ ଯୋଗ୍ୟ ଗତ ମାସ ୨୫ ତାରିଖରେ କୁଷଙ୍ଗୀ ଗାଁ ସୂର୍ଯ୍ୟକାନ୍ତ ରାଉଳ ଘୁଷୁରୀ ରଖୁଥିବା ଜେମାଦେଇପୁର ଗାଁରେ ଅଭିଯୁକ୍ତମାନେ ହାତ ବୋମା ପକାଇ ଘୁଷୁରୀକୁ ମାରିଦେଇଥିଲେ । ଏହା ଦ୍ୱାରା ୨ ଟି ଘୁଷୁରୀର ମୃତ୍ୟୁ ହୋଇଥିଲା । ଏ ନେଇ ଥାନାରେ ଏତଲା ହେବା ପରେ ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଭାରତ-ପାକିସ୍ତାନ ମୁହାଁମୁହିଁ ଯୁଦ୍ଧ ଆରମ୍ଭ

ନୂଆଦିଲ୍ଲୀ : ପାକିସ୍ତାନ ସହ ମୁହାଁମୁହିଁ ଯୁଦ୍ଧ ଆରମ୍ଭ । ପାକିସ୍ତାନ ପକ୍ଷରୁ ଆକ୍ରମଣ ପରେ ଭାରତ ଜୋରଦାର ପାଲଟା ଆକ୍ରମଣ ଆରମ୍ଭ କରିଛି । ଲାହୋର, ସିଆଲକୋଟ ଆଦି ଅଞ୍ଚଳରେ ଭାରତ ମିଶାଇଲ ଆକ୍ରମଣ ଜାରି ରଖିଛି । ଅନ୍ୟପଟେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପରିସ୍ଥିତିରେ ଅଜିତ ଡୋଭାଲଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରୁଛନ୍ତି । ଯାହା ସୂଚନା ମିଳିଛି, ପାକିସ୍ତାନ ପକ୍ଷରୁ ଜମ୍ମୁ କଶ୍ମୀର ଏବଂ ପଞ୍ଜାବର ସୀମାନ୍ତ ଅଞ୍ଚଳରେ ଆକ୍ରମଣ ଜାରି ରହିଛି । ଚଣ୍ଡିଗଡ଼, ଭଟିଣ୍ଡା,ଜଳନ୍ଧର, ଲୁଧିଆନା ଭଳି ୧୫ଟି ଭାରତୀୟ ଅଞ୍ଚଳକୁ ପାକିସ୍ତାନ ଟାର୍ଗେଟ୍ କରିଛି । ତେବେ ପାକିସ୍ତାନର ବଡ଼ ବଡ଼ ଡ୍ରୋନ୍ ଆକ୍ରମଣକୁ ଭାରତୀୟ ଯବାନ୍ ବିଫଳ କରି ଦେଇଛନ୍ତି । ଯୁଦ୍ଧ କାରଣରୁ ହିମାଚଳ ପ୍ରଦେଶ ଧର୍ମଶାଳାରେ ଚାଲିଥିବା ପଞ୍ଜାବ କିଙ୍ଗସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚକୁ ଅଧାରୁ ବାତିଲ କରି ଦିଆଯାଇଛି । ତେବେ ଆନୁଷ୍ଠାନିକ ଭାବେ ଏକଥା କୁହାଯାଇ ନାହିଁ । ଫ୍ଲଡଲାଇଟ୍ ଖରାପ ହେବା ଯୋଗୁଁ ମ୍ୟାଚ୍ ବାତିଲ ହୋଇଥିବା ଆଇପିଏଲ୍ ତରଫରୁ କର୍ତ୍ତୃପକ୍ଷ ଜଣାଇଛନ୍ତି ।

## ଉତ୍ତରକାଶୀରେ ହେଲିକପ୍ଟର ଦୁର୍ଘଟଣା, ୬ ମୃତ

ନୂଆଦିଲ୍ଲୀ : ଉତ୍ତରାଖଣ୍ଡର ଉତ୍ତରକାଶୀରେ ହେଲିକପ୍ଟର ଦୁର୍ଘଟଣା । ଗଙ୍ଗନାନୀରୁ ବାହାରିଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ହେଲିକପ୍ଟରରେ ୭ଜଣ ଯାତ୍ରୀ ଯାତ୍ରା କରୁଥିଲେ । ଦୁର୍ଘଟଣାରେ ପାଇଲଟ ସମେତ ୬ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଘଟଣା ପରେ ଉତ୍ତରକାଶୀ ଡିଏମ ଘଟଣାସ୍ଥଳକୁ ଯାଇଛନ୍ତି । ଘଟଣା ସକାଳ ୯ଟାରେ ଘଟିଛି ବୋଲି ଜଣାପଡିଛି । ଏହି ହେଲିକପ୍ଟରଟି ଦେହରାଡୁନରୁ ହର୍ଷିଲ ହେଲିପ୍ୟାଡ ପାଇଁ ବାହାରିଥିଲା । ଗଙ୍ଗନାନୀର ସାମ୍ନାରେ ଥିବା ନାଗ ମନ୍ଦିରର ତଳେ ଭାଗୀରଥୀ ନଦୀ ପାଖରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାର ସୂଚନା ଦିଆଯାଇଛି । ହେଲିକପ୍ଟରଟି ଏକ ଘରୋଇ କମ୍ପାନୀର ବୋଲି କୁହାଯାଉଛି । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଖବର ସୋସିଆଲ ମିଡିଆରେ ସେୟାର କରିବା ସହ ମୃତକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଘଟଣା ସ୍ଥଳରେ ଏସଡିଆରଏଫ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଆହତଙ୍କୁ ଉଚିତ ଚିକିତ୍ସା ଏବଂ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## 'ତୁରନ୍ତ ପାକିସ୍ତାନ ଛାଡ଼ିବାକୁ ନିଜ ନାଗରିକଙ୍କ ପାଇଁ ସତର୍କତା ଜାରି କଲା ଆମେରିକା

ନୂଆଦିଲ୍ଲୀ : 'ଅପରେସନ ସିନ୍ଦୁର' ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି । ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର (ଚକ୍ଟକ)ରେ ଆତଙ୍କବାଦୀ ଶିବିର ଉପରେ ସଫଳ ଆକ୍ରମଣ ପରେ ଆମେରିକା ପାକିସ୍ତାନରେ ଥିବା ନିଜ ନାଗରିକଙ୍କ ପାଇଁ ଏକ ସୁରକ୍ଷା ସତର୍କତା ଜାରି କରିଛି । ଆମେରିକୀୟ ଦୂତାବାସ ନାଗରିକମାନଙ୍କୁ ଯୁଦ୍ଧ ଚାଲିଥିବା ଅଞ୍ଚଳ, ବିଶେଷକରି ଭାରତ-ପାକିସ୍ତାନ ସୀମାନ୍ତ ଓ ନିୟନ୍ତ୍ରଣ ରେଖା (ଖକ୍ଟଉ) ନିକଟବର୍ତ୍ତୀ ଅଞ୍ଚଳ ଛାଡିବାକୁ ପରାମର୍ଶ ଦେଇଛି । ଏହା ସହ ଲାହୋର ଓ ପାକିସ୍ତାନର ପଞ୍ଜାବ ପ୍ରଦେଶରୁ ତୁରନ୍ତ ବାହାରିବା ପାଇଁ ଆମେରିକୀୟ ନାଗରିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆମେରିକା ଦୂତାବାସ ପାକିସ୍ତାନରେ ଥିବା ନାଗରିକଙ୍କ ପାଇଁ ଆଡଭାଇଜରୀ ଜାରି କରିଛି । ଡ୍ରୋନ ଆକ୍ରମଣ ହେଉଥିବା ସ୍ଥାନ ଛାଡ ନଚେତ କେଉଁଠି ଲୁଚିଯାଅ ବୋଲି କହିଛି ।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣ, ୯ ମୃତ

ନୂଆଦିଲ୍ଲୀ : ରାଜସ୍ଥାନର ବିକାନେର ଜିଲ୍ଲାରେ ମଦନ ମାର୍କେଟରେ ଏକ ଦୋକାନରେ ଗ୍ୟାସ ସିଲିଣ୍ଡର ଫାଟିବାରୁ ୯ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଏଥିରେ ଚାରି ଜଣ ଆହତ ହୋଇଛନ୍ତି । ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଏସପି ବିଶାଲ କହଛନ୍ତି ଯେ, ଏହି ଘଟଣା ଏକ ଦୋକାନରେ ଘଟିଛି, ଯେଉଁଠାରେ ସୁନା-ରୂପା ସହ ଜଡ଼ିତ କାମ ହେଉଥିଲା । ଏପର୍ଯ୍ୟନ୍ତ ୯ ଜଣ ଲୋକଙ୍କର ଏଥିରେ ମୃତ୍ୟୁ ଘଟିଛି। ଘଟଣା ପରେ ସ୍ୱର୍ଣ୍ଣକାର ସମାଜ ଲୋକ ଧାରଣାରେ ବସିଛନ୍ତି । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବିଲିଡିଂ ବିଷୟରେ ୮ ମାସ ପୂର୍ବରୁ ଜଣାଇଥିଲେ । ହେଲେ ସେମାନେ କିଛି କରିନଥିବାରୁ ଏଭଳି ଅଘଟଣ ଘଟିଛି । ବିସ୍ଫୋରଣ ନେଇ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲତ ଦୁଃଖ ପ୍ରକାଶ କରିଛନ୍ତି ।

## ପାକିସ୍ତାନ ସୀମାରେ କୌଣସି ବିଟିଂ ରିଟ୍ରିଟ୍ ଉତ୍ସବ ହେବ ନାହିଁ: ବିଏସଏଫ

ନୂଆଦିଲ୍ଲୀ : ସାର୍ବଜନୀନ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଏସଏଫ (ସୀମା ସୁରକ୍ଷା ବଳ) ପଞ୍ଜାବରେ ପାକିସ୍ତାନ ସୀମାନ୍ତରେ ଥିବା ତିନୋଟି ସୀମା ପୋଷ୍ଟ—ଅଟାରୀ-ୱାଗା, ହୁସେନୀୱାଲା, ଏବଂ ସାଦକୀ—ରେ ବିଟିଂ ରିଟ୍ରିଟ୍ ଉତ୍ସବକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ କରିଛି। ତେବେ, ବିଏସଏଫ ଏକ ବିବୃତିରେ କହିଛି ଯେ ପ୍ରତିଦିନ ସୂର୍ଯ୍ୟାସ୍ତ ସମୟରେ ଜାତୀୟ ପତାକା ଅବତରଣ କାର୍ଯ୍ୟକ୍ରମ ଯଥାରୀତି ଜାରି ରହିବ। ଏପ୍ରିଲ ୨୨ ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହାର ପ୍ରତିଶୋଧ ସ୍ୱରୂପ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓଜେକେ) ରେ ଥିବା ନଅଟି ଆତଙ୍କବାଦୀ ଅଡ୍ଡାକୁ ଧ୍ୱଂସ କରିଥିଲା, ଯାହା ପରେ ବିଏସଏଫ ଏହି ନିଷ୍ପତ୍ତି ନେଇଛି।



ଭାରତୀୟ ସଶସ୍ତ୍ର ବାହିନୀ ବୁଧବାର 'ଅପରେସନ ସିନ୍ଦୁର' ଆରମ୍ଭ କରି ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ ଓ କାଶ୍ମୀର (ପିଓଜେକେ) ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲେ। ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା "'ଅପରେସନ ସିନ୍ଦୁର'" ଜୟଶ-ଏ-ମହମ୍ମଦ (ଜେଇଏମ), ଲସ୍କର-ଏ-ତୋଇବା (ଏଲଇଟି), ଏବଂ ହିଜବୁଲ ମୁଜାହିଦ୍ଦୀନ ସହ ଜଡ଼ିତ ନଅଟି ପ୍ରମୁଖ ଆତଙ୍କବାଦୀ ଶିବିରକୁ ଟାର୍ଗେଟ କରିଥିଲା। ଏହି ନଅଟି ଟାର୍ଗେଟ ମଧ୍ୟରୁ ଚାରୋଟି ପାକିସ୍ତାନରେ ଏବଂ ବାକି ପାଞ୍ଚୋଟି ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ଅବସ୍ଥିତ ଥିଲା। ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ନିରାପତ୍ତା ସମ୍ପର୍କିତ ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି ଜାତୀୟ ପ୍ରସ୍ତୁତି ଏବଂ ଆନ୍ତଃମନ୍ତ୍ରାଳୟ ସମନ୍ୱୟ ସମୀକ୍ଷା କରିବା ପାଇଁ ଭାରତ ସରକାରର ବିଭିନ୍ନ ମନ୍ତ୍ରାଳୟ ଏବଂ ବିଭାଗର ସଚିବମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ।

# କରାଚୀ ବନ୍ଦରକୁ ଧ୍ୱଂସ କଲା ଭାରତୀୟ ନୌସେନା



ଇସଲାମାବାଦ : ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏକ ଐତିହାସିକ ମୋଡ଼ ନେଇଛି, କାରଣ ଭାରତୀୟ ନୌସେନା ପାକିସ୍ତାନର ପ୍ରମୁଖ ବାଣିଜ୍ୟ ଓ ସାମରିକ କେନ୍ଦ୍ର କରାଚୀ ବନ୍ଦର ଉପରେ ଏକ ବଡ଼ ଧରଣର ଆକ୍ରମଣ କରି ଏହାକୁ ପ୍ରାୟତଃ ଧ୍ୱଂସ କରିଦେଇଛି । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ 'ଅପରେସନ ଟ୍ରାଇଡେଣ୍ଟ' ପରେ ଏହା ପାକିସ୍ତାନ ଉପରେ ଭାରତୀୟ ନୌସେନାର ପ୍ରଥମ ବଡ଼ ସମୁଦ୍ର ଆକ୍ରମଣ ବୋଲି ବିବେଚନା କରାଯାଉଛି।

ସୂତ୍ର ଅନୁସାରେ, ଭାରତୀୟ ନୌସେନାର ପ୍ରଥମ ଦେଶୀୟ ବିମାନବାହୀ ଜାହାଜ ଆଇଏନଏସ ବିକ୍ରାନ୍ତ, ଅତ୍ୟାଧୁନିକ ଯୁଦ୍ଧଜାହାଜ, ସବମାରିନ ଏବଂ ମିଗ-୨୯କେ ଯୁଦ୍ଧବିମାନ ସହାୟତାରେ ଅରବ ସାଗରରୁ କରାଚୀ ବନ୍ଦରରେ ସଠିକ ମିସାଇ'ର, ଡ୍ରୋନ ଏବଂ ନୌସେନା ଯୁଦ୍ଧାସ୍ତ୍ର ବ୍ୟବହାର କରିଥିଲା। ଏହି ଆକ୍ରମଣରେ ପାକିସ୍ତାନୀ ନୌସେନାର କେତେକ ଜାହାଜ, ବନ୍ଦରରେ ଥିବା ସାମରିକ ଗୋଦାମ ଏବଂ ତୈଳ ଡିପୋ ଧ୍ୱଂସ ହୋଇଛି। ରିପୋର୍ଟ ଅନୁସାରେ, ଏହି ଆକ୍ରମଣରେ ବନ୍ଦରର ଅନେକ ଅଂଶ ନଷ୍ଟ ହୋଇଛି, ଯାହା ପାକିସ୍ତାନର ବାଣିଜ୍ୟ ଓ ସାମରିକ କାର୍ଯ୍ୟକୁ ଗଭୀର ଆଘାତ ଦେଇଛି। ଏହି ଆକ୍ରମଣ ଭାରତର 'ଅପରେସନ ସିନ୍ଦୂର'ର ଏକ ଅଂଶ, ଯେଉଁଥିରେ ଭାରତ ଇସଲାମାବାଦ, ଲାହୋର, ସିଆଲକୋଟ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଏବଂ ସାମରିକ ସ୍ଥାପନା ଉପରେ ସଠିକ ଆକ୍ରମଣ କରିଥିଲା। ଏହା ପୂର୍ବରୁ ପାକିସ୍ତାନ ଜମ୍ମୁ, ପଞ୍ଜାବ ଏବଂ ରାଜସ୍ଥାନରେ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଥିଲା, ଯାହାକୁ ଭାରତର ଏସ-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଫଳ କରିଥିଲା। ପାକିସ୍ତାନର ଦୁଇଟି ଔର-୧୭ ଏବଂ ଦୁଇଟି ର-୧୬ ଯୁଦ୍ଧବିମାନ ମଧ୍ୟ ଖସାଯାଇଥିଲା, ଏବଂ ଜମ୍ମୁର ଅଖନୁରରେ ଜଣେ ର-୧୬ ପାଇଲଟକୁ ବନ୍ଦୀ କରାଯାଇଥିଲା। ଏହା ସହ, ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କ ବାସଭବନ ନିକଟରେ ବିସ୍ଫୋରଣ ଏବଂ ଦେଶରେ ଲକଡାଉନ ଲାଗୁ ହେବା ପରେ ପାକିସ୍ତାନରେ ଅସ୍ଥିରତା ବଢ଼ିଛି। କରାଚୀ ବନ୍ଦର ପାକିସ୍ତାନର ଅର୍ଥନୀତି ଏବଂ ସାମରିକ କାର୍ଯ୍ୟକଳାପର ମେରୁଦଣ୍ଡ। ଏହାର ଧ୍ୱଂସ ଦେଶର ବାଣିଜ୍ୟ, ତୈଳ ଯୋଗାଣ ଏବଂ ନୌସେନା ଅଭିଯାନକୁ ଗଭୀର ଭାବେ ପ୍ରଭାବିତ କରିପାରେ। ଏହା ସହ, ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଆସିମ ମୁନିରଙ୍କ ଅପସାରଣ ଏବଂ ଜେନେରାଲ ଶାହିର ଶମଶାଦ ମିର୍ଜାଙ୍କ ନେତୃତ୍ୱରେ ଅଭ୍ୟୁତ୍ଥାନର ରିପୋର୍ଟ ଦେଶରେ ରାଜନୈତିକ ଅସ୍ଥିରତାକୁ ଆହୁରି ବଢ଼ାଇଛି। ଏକ୍ସରେ ପ୍ରକାଶିତ ପୋଷ୍ଟ ଅନୁସାରେ, ଇମ୍ରାନ ଖାନଙ୍କୁ ମୁକ୍ତ କରାଯାଇପାରେ, ଯାହା ପାକିସ୍ତାନର ରାଜନୈତିକ ପରିସ୍ଥିତିକୁ ଆହୁରି ଜଟିଳ କରିପାରେ। କରାଚୀ ବନ୍ଦର ଉପରେ ଏହି ଆକ୍ରମଣ ଭାରତ-ପାକିସ୍ତାନ ସଂଘର୍ଷକୁ ଏକ ନୂଆ ଏବଂ ବିପଜ୍ଜନକ ସ୍ତରକୁ ନେଇଛି। ପାକିସ୍ତାନୀ ସେନା ଏହାର ପ୍ରତିଶୋଧ ନେବାକୁ ଯୋଜନା କରୁଥିବା ରିପୋର୍ଟ ମିଳୁଛି, ଯେଉଁଥିରେ ଗ୍ୱାଦାର ବନ୍ଦରରୁ ନୌସେନା ଅଭିଯାନ ସାମିଲ ହୋଇପାରେ। ଅନ୍ୟପକ୍ଷରେ, ଭାରତୀୟ ନୌସେନା ଅରବ ସାଗରରେ ଆଇଏନଏସ ବିକ୍ରାନ୍ତ ଏବଂ ଅନ୍ୟାନ୍ୟ ଯୁଦ୍ଧଜାହାଜ ସହ ପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହି ସମୟରେ, ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପୁନଃସ୍ଥାପନ ଆନ୍ତର୍ଜାତୀୟ ସମୁଦାୟ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ।

## ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ ଉପରେ ଡ୍ରୋନ ଆକ୍ରମଣ



ନୂଆଦିଲ୍ଲୀ : ପାକିସ୍ତାନର ରାୱଲପିଣ୍ଡିରେ ଡ୍ରୋନ ଆକ୍ରମଣ । ଏହି ଆକ୍ରମଣ କ୍ରିକେଟ ଷ୍ଟାଡିୟମ ନିକଟରେ ହୋଇଛି। ଆଜି ରାତିରେ ଷ୍ଟାଡିୟମରେ ପାକିସ୍ତାନ ସୁପର ଲିଗର ମ୍ୟାଚ ଖେଳାଯିବାକୁ ରହିଥିଲା । ଡ୍ରୋନ ଆଟାକ ପରେ ଚାରିଆଡେ ଭୟର ବାତାବରଣ ରହିଛି। ଆଜି ଷ୍ଟାଡିୟମରେ ପିଏସଏଲ ଦଳ ପେଶାୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ଏଠାରେ ମ୍ୟାଚ୍ ଖେଳାଯାଇଥାନ୍ତା । ଆକ୍ରମଣ ପରେ ତୁରନ୍ତ ଖେଳାଳିଙ୍କୁ ରାୱଲପିଣ୍ଡି ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୁପର ଲିଗରେ ଭାଗ ନେଇଥିବା ଖେଳାଳିଙ୍କୁ ଷ୍ଟାଡିୟମ ଛାଡି ଚାଲିଥିବାକୁ ନିର୍ଦ୍ଦେଶ ଦିଆଯାଇଛି । ପିସିବି ପକ୍ଷରୁ ଜରୁରୀ ବୈଠକ ବସିଛି । ଇସଲାମାବାଦ ଭାରତରେ ୧୫ଟି ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିବାର କିଛି ଘଣ୍ଟା ପରେ ଏହି ସୂଚନା ମିଳିଛି ।

## ଭାରତର ୧୫ ସହରକୁ ପାକିସ୍ତାନର ଟାର୍ଗେଟ



ନୂଆଦିଲ୍ଲୀ : ପାକିସ୍ତାନ ଭାରତର ୧୫ଟି ପ୍ରମୁଖ ସୈନ୍ୟ ଠିକଣା ଉପରେ ଆକ୍ରମଣ କରିବା ଚେଷ୍ଟାକୁ ବିଫଳ କରିଛି ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ । ଅବନ୍ତୀପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର, କପୁରଥାଲା, ଜାଲନ୍ଧର, ଲୁଧିଆନା, ଆଦମପୁର, ଭଟିଣ୍ଡା, ଚଣ୍ଡୀଗଡ଼, ନଲ, ଫଲୋଦୀ, ଉତ୍ତରଲାଇ ଏବଂ ଭୁଜକୁ ଡ୍ରୋନ୍ ଓ ମିସାଇଲ ମାଧ୍ୟମରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଭାରତର ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ ଏହି ଆକ୍ରମଣକୁ ସମ୍ପୂର୍ଣ୍ଣ ବିଫଳ କରି ଦେଇଛି । ଭାରତୀୟ ଅଧିକାରୀଙ୍କ ଅନୁସାରେ, ପାକିସ୍ତାନ ସୈନ୍ୟ ଏସବୁ ସ୍ଥାନରେ ଥିବା ସୈନ୍ୟ ଠିକଣାଗୁଡ଼ିକୁ ଡ୍ରୋନ୍ ଓ ମିସାଇଲ ମାଧ୍ୟମରେ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା । ପାକିସ୍ତାନର ଡ୍ରୋନ୍ ଓ ମିସାଇଲଗୁଡ଼ିକୁ ଭାରତର ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ, ଯେଉଁଥିରେ ଝ-୪୦୦, ବରାକ-୮ ଏବଂ ଆକାଶ ମିସାଇଲ ସିଷ୍ଟମ ସାମିଲ ହୋଇ ସଫଳତାର ସହ ଖସାଇ ଦେଇଛି । ଏହି ସିଷ୍ଟମଗୁଡ଼ିକ ଅବନ୍ତୀପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ ଏବଂ ଅନ୍ୟାନ୍ୟ ସ୍ଥାନରେ ରହିଥିଲା। ପାକିସ୍ତାନ ଆଦମପୁର, ଭଟିଣ୍ଡା ଏବଂ ଚଣ୍ଡୀଗଡ଼ରେ ମଧ୍ୟ ସୈନ୍ୟ ଟାର୍ଗେଟକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତୀୟ ସୁରକ୍ଷା ବ୍ୟବସ୍ଥା ଏହାକୁ ବିଫଳ କରି ଦେଇଛି ।

## ପାକିସ୍ତାନକୁ 'ଆଉ ଛାଡ଼ିବୁ ନାହିଁ' : ଜୟଶଙ୍କର



ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲଗାତାର ବୃଦ୍ଧି ପାଉଛି। ଆଜି, ଅର୍ଥାତ୍ ଗୁରୁବାର, ମେ ୮ ତାରିଖରେ ପାକିସ୍ତାନ ଭାରତ ଆଡ଼କୁ ଅନେକ ମିସାଇଲ ନିକ୍ଷେପ କରିଥିଲା, ଯାହାକୁ ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ନଷ୍ଟ କରିଦେଇଥିଲା। ଏହା ପରେ ଭାରତ ପାକିସ୍ତାନର ସାମରିକ ଅଡ୍ଡାଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି।

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନ ଭାରତ ଉପରେ ଆକ୍ରମଣ କରେ, ତାହାର କଡ଼ା ଜବାବ ଦିଆଯିବ। ସେ ସ୍ପଷ୍ଟ କହିଛନ୍ତି ଯେ "ଏଥର ଯଦି କେହି ଛିଡ଼ାଇବ, ତେବେ ଛାଡ଼ିବୁ ନାହିଁ।" ଭାରତର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି ଏବଂ ଯୁକ୍ତରାଷ୍ଟ୍ର ତାକୁ ତୁରନ୍ତ ପଛକୁ ହଟିବାକୁ ପରାମର୍ଶ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇ ଭାରତ ମେ ୬ ଓ ୭ ତାରିଖର ମଧ୍ୟବର୍ତ୍ତୀ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ମୋଟ ୯ଟି ଆତଙ୍କବାଦୀ ଅଡ୍ଡା ଉପରେ ବାୟୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଅନେକ ଆତଙ୍କବାଦୀ ଅଡ୍ଡା ଧ୍ୱଂସ ହୋଇଥିଲା ଏବଂ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ।

ପାକିସ୍ତାନ ମେ ୭ ଓ ୮ ତାରିଖର ମଧ୍ୟବର୍ତ୍ତୀ ରାତିରେ ଭାରତର ୧୫ଟି ସହର ଉପରେ ମିସାଇଲ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, ଯାହାକୁ ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଫଳ କରିଦେଇଥିଲା। ଏହା ପରେ ମେ ୮ ତାରିଖ ସକାଳେ ଭାରତ ପାକିସ୍ତାନର ସାମରିକ ଅଡ୍ଡାଗୁଡ଼ିକ ଉପରେ ଡ୍ରୋନ ଆକ୍ରମଣ କରିଥିଲା। ରାତି ହେବା ସୁଦ୍ଧା ପାକିସ୍ତାନ ପୁଣି ଥରେ ଭାରତ ଉପରେ ମିସାଇଲ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, ଯାହାକୁ ଝ-୪୦୦ ବ୍ୟବସ୍ଥା ଦ୍ୱାରା ଆଉ ଥରେ ବିଫଳ କରାଯାଇଥିଲା।

## ବଙ୍କରରେ ଲୁଚିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ

ଇସଲାମାବାଦ : ଅପରେସନ ସିନ୍ଦୂର ଅଧୀନରେ ଭାରତର ସଠିକ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା ମଧ୍ୟରେ, ରିପୋର୍ଟ ଅନୁସାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କୁ ଏକ ଉଚ୍ଚ-ସୁରକ୍ଷା ଭୂମିଗତ ସୁବିଧାକୁ ସ୍ଥାନାନ୍ତର କରାଯାଇଛି। ଇସଲାମାବାଦରେ ଉଚ୍ଚ-ସୁରକ୍ଷା ଅଞ୍ଚଳ ନିକଟରେ ବିସ୍ଫୋରଣର ଖବର ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ସରିଫ ଏବଂ ସେନା ମୁଖ୍ୟ ଜେନେରାଲ ଆସିମ ମୁନିର ସମେତ ଗୁରୁତ୍ୱପୂର୍ଣ୍ଣ ସରକାରୀ ବ୍ୟକ୍ତିଙ୍କ ଚାରିପାଖରେ ସୁରକ୍ଷା ବ୍ୟବସ୍ଥାକୁ ନାଟକୀୟ ଭାବେ କଡ଼ାକଡ଼ି କରାଯାଇଛି। ଯଦିଓ ପାକିସ୍ତାନ ସରକାର ପ୍ରଧାନମନ୍ତ୍ରୀଙ୍କ ବର୍ତ୍ତମାନର ଅବସ୍ଥାନ ସମ୍ପର୍କରେ କୌଣସି ଆଧିକାରିକ ନିଶ୍ଚିତକରଣ ଦେଇନାହିଁ, ସୂତ୍ର ଅନୁସାରେ ପ୍ରତିଶୋଧମୂଳକ କାର୍ଯ୍ୟ କିମ୍ବା ଆହୁରି ଉତ୍ତେଜନାର ଆଶଙ୍କାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପ୍ରୋଟୋକଲ ସକ୍ରିୟ କରାଯାଇଛି। ଏହି ପଦକ୍ଷେପ ପାକିସ୍ତାନୀ ବାୟୁ ସୀମାରେ ବ୍ୟାପକ ବ୍ଲାକଆଉଟ ଏବଂ ଡ୍ରୋନ ଦେଖାଯିବା ସହ, ଜମ୍ମୁ ଏବଂ ଜୟସଲମେର ସମେତ ଭାରତୀୟ ଭୂମିରେ ଅଟକାଯାଇଥିବା ଡ୍ରୋନ ଏବଂ ମିସାଇଲ ଆକ୍ରମଣ ପରେ ହୋଇଥିବା ଜଣାପଡ଼ିଛି। ପାକିସ୍ତାନୀ କର୍ତ୍ତୃପକ୍ଷ ସମସ୍ତ ପ୍ରମୁଖ ସହରଗୁଡ଼ିକୁ ଉଚ୍ଚ ସତର୍କ ଅବସ୍ଥାରେ ରଖିଛନ୍ତି ଏବଂ ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ପାଇଁ ନିରୀକ୍ଷଣକୁ ମଜବୁତ କରିଛନ୍ତି।

## ପାକିସ୍ତାନର ପ୍ରତ୍ୟେକ ଆକ୍ରମଣକୁ ଆକାଶରେ ଧ୍ୱଂସ କରିଦେଲା ଏସ-୪୦୦

ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାରେ ଭାରତର ଏସ-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏକ 'ଗେମ୍-ଚେଞ୍ଜର' ସାବ୍ୟସ୍ତ ହୋଇଛି। ପାକିସ୍ତାନର ଡ୍ରୋନ୍ ଏବଂ ମିସାଇଲ ଆକ୍ରମଣର ଏକାଧିକ ଚେଷ୍ଟାକୁ ଏହି ରୁଷୀୟ ପ୍ରତିରକ୍ଷା ବ୍ୟବସ୍ଥା ଆକାଶରେ ହିଁ ଧ୍ୱଂସ କରି ଭାରତୀୟ ସହର ଓ ସାମରିକ ସ୍ଥାପନାଗୁଡ଼ିକୁ ସୁରକ୍ଷିତ ରଖିଛି। ଏହି ଘଟଣା ଭାରତର ସାମରିକ ସାମର୍ଥ୍ୟକୁ ଆହୁରି ଦୃଢ଼ କରିଛି ଏବଂ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛି।

ମେ ୭ ଓ ୮, ୨୦୨୫ର ମଧ୍ୟବର୍ତ୍ତୀ ରାତିରେ ପାକିସ୍ତାନ ଜମ୍ମୁ, ପଞ୍ଜାବର ଅମୃତସର, ଜଲନ୍ଧର, ରାଜସ୍ଥାନର ଜୈସାଲମେର ଏବଂ ଉଧମପୁର ସମେତ ଭାରତର ୧୫ଟି ସହର ଉପରେ ଡ୍ରୋନ ଏବଂ ମିସାଇଲ ଆକ୍ରମଣର ଚେଷ୍ଟା କରିଥିଲା। କିନ୍ତୁ, ଭାରତର ଏସ-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହି ସମସ୍ତ ଆକ୍ରମଣକୁ ସଫଳତାର ସହ ବିଫଳ କରିଥିଲା। ରିପୋର୍ଟ ଅନୁସାରେ, ଏସ-୪୦୦ ଏହି ଆକ୍ରମଣକାରୀ ଡ୍ରୋନ ଓ ମିସାଇଲଗୁଡ଼ିକୁ ଆକାଶରେ ହିଁ ଧ୍ୱଂସ କରିଥିଲା, ଯାହା ଫଳରେ କୌଣସି ମାନବ କିମ୍ବା ସାମଗ୍ରୀର କ୍ଷୟକ୍ଷତି ହୋଇନଥିଲା। ଏହା ପରେ ମେ ୮-୯ ରାତିରେ ପାକିସ୍ତାନ ପୁଣି ଥରେ ଆକ୍ରମଣର ଚେଷ୍ଟା କରିଥିଲା, କିନ୍ତୁ ଏସ-୪୦୦ ପୁଣି ଏହାକୁ ନିଷ୍କ୍ରିୟ କରିଥିଲା।

ପାକିସ୍ତାନର ଏହି ଆକ୍ରମଣକାରୀ ଚେଷ୍ଟାର ପ୍ରତିଶୋଧ ନେଇ ଭାରତ 'ଅପରେସନ ସିନ୍ଦୂର' ଅଧୀନରେ କଡ଼ା ଜବାବ ଦେଇଛି। ମେ ୬-୭ ରାତିରେ ଭାରତୀୟ ବାୟୁସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିର ଉପରେ ବାୟୁ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସ କରିଥିଲା। ଏହା ସହ, ଭାରତୀୟ ସେନା ପାକିସ୍ତାନର ତିନୋଟି ଯୁଦ୍ଧବିମାନ (ଏକ ର-୧୬ ଏବଂ ଦୁଇଟି ଔର-୧୭) ଖସାଇଥିଲା ଏବଂ ଦୁଇଜଣ ପାକିସ୍ତାନୀ ପାଇଲଟଙ୍କୁ ଜୟସଲମେର ଓ ଅଖନୁରରେ ବନ୍ଦୀ କରିଥିଲା। ଭାରତୀୟ ନୌସେନା ମଧ୍ୟ କରାଚୀ ବନ୍ଦର ଉପରେ ବଡ଼ ଧରଣର ଆକ୍ରମଣ କରି ପାକିସ୍ତାନର ସାମରିକ ଓ ଅର୍ଥନୈତିକ ସାମର୍ଥ୍ୟକୁ ଗଭୀର ଆଘାତ ଦେଇଛି।

ରୁଷରୁ କ୍ରୟ କରାଯାଇଥିବା ଏସ-୪୦୦ ଟ୍ରାଇଅମ୍ଫ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଶ୍ୱର ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହା ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରେ ଥିବା ଶତ୍ରୁ ବିମାନ, ଡ୍ରୋନ ଓ ମିସାଇଲକୁ ନିଶାନା କରିପାରେ। ଏହାର ଅତ୍ୟାଧୁନିକ ରାଡାର ଏବଂ ସଠିକ ମିସାଇଲ ନିକ୍ଷେପ କ୍ଷମତା ପାକିସ୍ତାନର ଆକ୍ରମଣକାରୀ ଯୋଜନାକୁ ବାରମ୍ବାର ବିଫଳ କରିଛି। ପ୍ରତିରକ୍ଷା ବିଶେଷଜ୍ଞମାନେ କହିଛନ୍ତି ଯେ ଏସ-୪୦୦ ଭାରତର ବାୟୁ ସୀମାକୁ ଏକ ଅଭେଦ୍ୟ କବଚ ପ୍ରଦାନ କରିଛି, ଯାହା ଶତ୍ରୁ ଦେଶଗୁଡ଼ିକ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଯୁକ୍ତରାଷ୍ଟ୍ର ପାକିସ୍ତାନକୁ ତୁରନ୍ତ ପଛକୁ ହଟିବାକୁ ପରାମର୍ଶ ଦେଇଛି, ଯାହା ଏସ-୪୦୦ର ସଫଳତା ଏବଂ ଭାରତର ଆକ୍ରମଣାତ୍ମକ ଜବାବ ଦ୍ୱାରା ପାକିସ୍ତାନର ଦୁର୍ବଳତାକୁ ସୂଚାଇଛି। ଚୀନ ଓ ତୁର୍କୀ ପାକିସ୍ତାନକୁ ସମର୍ଥନ କରୁଥିବା ବେଳେ, ଅନ୍ୟ ଆନ୍ତର୍ଜାତୀୟ ଶକ୍ତି ଉଭୟ ଦେଶକୁ ସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଛନ୍ତି। ତୁର୍କୀ ମାଲବାହୀ ବିମାନର କରାଚୀ ବିମାନବନ୍ଦରରେ ଅବତରଣ ମଧ୍ୟ ଏହି ସଂଘର୍ଷରେ ତୃତୀୟ ପକ୍ଷର ସମ୍ପୃକ୍ତି ସୂଚାଇଛି, ଯାହା ସ୍ଥିତିକୁ ଆହୁରି ଜଟିଳ କରିପାରେ।

ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, "ଏଥର ଯଦି ଛେଡ଼ିବ, ତେବେ ଛାଡ଼ିବୁ ନାହିଁ।" ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ଦାବି କରିଛନ୍ତି ଯେ ଭାରତୀୟ ସୈନିକମାନେ ପାକିସ୍ତାନକୁ "ବିଶ୍ୱ ମାନଚିତ୍ରରୁ ଲିଭାଇ ଦେଇପାରନ୍ତି।" ଏସ-୪୦୦ର ସଫଳତା ଏବଂ ଭାରତର ଆକ୍ରମଣାତ୍ମକ ସାମରିକ ଜବାବ ଦେଶର ୧୪୦ କୋଟି ଜନତାଙ୍କ ମନୋବଳକୁ ଆହୁରି ଉଚ୍ଚ କରିଛି।

ଏସ-୪୦୦ର ଏହି ସଫଳତା ଭାରତର ପ୍ରତିରକ୍ଷା କ୍ଷମତାକୁ ବିଶ୍ୱ ସମ୍ମୁଖରେ ପ୍ରମାଣ କରିଛି। ପାକିସ୍ତାନର ଅଭ୍ୟନ୍ତରୀଣ ଅସ୍ଥିରତା ଏବଂ ବାଲୋଚ ବିଦ୍ରୋହ ସହ ଏହାର ସାମରିକ ଦୁର୍ବଳତା ଦୃଷ୍ଟିରେ, ଭାରତ ସୀମାବର୍ତ୍ତୀ ଅଞ୍ଚଳରେ ଉଚ୍ଚ ସତର୍କତା ବଜାୟ ରଖିଛି। ଏହି ସଂଘର୍ଷ କେଉଁ ଦିଗରେ ଗତି କରୁଛି, ତାହା ଆଗାମୀ ଦିନରେ ଅନ୍ତର୍ଜାତୀୟ ରାଜନୀତି ଏବଂ ସାମରିକ ରଣନୀତି ଉପରେ ନିର୍ଭର କରୁଛି।

# ଭାରତର ଷ୍ଟ୍ରାଇକ ପରେ ପାକ୍‌କୁ ବଡ଼ ଝଟକା: ପିଏସ୍‌ଏଲ୍ ମ୍ୟାଚ୍ ରଦ୍ଦ

## ଦେଶ ଛାଡ଼ିବାକୁ ଚାହୁଁଛନ୍ତି ବିଦେଶୀ ଖେଳାଳି

ନୂଆଦିଲ୍ଲୀ,୮।୫: ଆତଙ୍କୀସ୍ତାନ ପାକିସ୍ତାନକୁ ବଡ଼ ଝଟକା ଲାଗିଛି। ଭାରତର ଅପରେସନ ସିନ୍ଦୂର ଫେଜ ୨ ପରେ ପାକିସ୍ତାନରେ କୋକୁଆ। ଭୟ ସୃଷ୍ଟି ହୋଇଛି ପାକିସ୍ତାନର ପ୍ରମୁଖ ସହରରେ ଥିବା ଏୟାର ଡିଫେନ୍ସ ରାଡାର ଓ ସିଷ୍ଟମକୁ ଭାରତୀୟ ସେନା ଆଜି ଟାର୍ଗେଟ କରିଛି ଲାହୋର, କରାଚି, ଇସଲାମାବାଦ ଓ ରାଲପିଣ୍ଡିରେ ଭାରତୀୟ ସେନା ଡ୍ରୋନ ଷ୍ଟ୍ରାଇକ କରିବାରୁ ପାକିସ୍ତାନ ଦୋହଲି ଯାଇଛି।

ଭାରତର ଗୋଟିଏ ଡ୍ରୋନ ରାୱଲପିଣ୍ଡି ଷ୍ଟାଡିୟମର ୧୦୦ ମିଟର ଦୂରରେ ମାଡ଼ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଛି ଏହି ଘଟଣା ପରେ ପାକିସ୍ତାନ ସୁପର ଲିଗର ଭବିଷ୍ୟତକୁ ନେଇ ଆଶଙ୍କା ଦେଖାଯାଇଛି ଆଜି ରାଲପିଣ୍ଡି ଷ୍ଟାଡିୟମରେ ପେଶାର ଜାଲିମ ଓ କରାଚି କିଙ୍ଗସ ମଧ୍ୟରେ ମୁକାବିଲା ଥିଲା କିନ୍ତୁ ପିଏସ୍‌ଏଲର ଏହି ମ୍ୟାଚ୍‌କୁ ଭାରତର ଡ୍ରୋନ ଷ୍ଟାଇକ ପରେ ରଦ୍ଦ କରି ଦିଆଯାଇଛି।

ସେହିପରି ପିଏସଏଲରେ ବାକି ଥିବା ମ୍ୟାଚଗୁଡ଼ିକ ଏଣିକି କରାଚି, ଦୋହା ଓ ଦୁବାଇରେ ଖେଳାଯିବ ବୋଲି ପିସିବି ସଙ୍କେତ ଦେଇଛି। ବୁଧବାର ଯାଏ ପିଏସ୍‌ଏଲ ଆୟୋଜକୁ ନେଇ ପିସିବି ଦମ୍ଭୋକ୍ତି କରୁଥିଲା ଭାରତ ସହ



ତିକ୍ତତା ଚାଲିଥିଲେ ହେଁ ପିଏସଏଲ ପାକିସ୍ତାନରେ ଅନୁଷ୍ଠିତ ହେବ ବୋଲି ପିସିବି କହିଥିଲା। ହେଲେ ଆଜି ଡ୍ରୋନ ଷ୍ଟ୍ରାଇକ ପରେ ପାକିସ୍ତାନର ସ୍ୱର ବଦଳି ଯାଇଛି।



ଜଣେ ପୂର୍ବତନ କ୍ରିକେଟର କହିଛନ୍ତି, ରାୱଲପିଣ୍ଡିରେ ହେବାକୁ ଥିବା ପିଏସଏଲର ଗୋଟିଏ ମ୍ୟାଚକୁ ଆକ୍ରମଣ ପରେ ବାତିଲ କରାଯାଇଛି। ଆକ୍ରମଣ ପରେ ବିଦେଶୀ ଖେଳାଳି ପୂରା ସ୍ତବ୍ଧ।ଏବେ ଅଧିକାଂଶ ଖେଳାଳି ଯଥା ଶୀଘ୍ର ପାକିସ୍ତାନ ଛାଡ଼ିବାକୁ ଚାହୁଁଛନ୍ତି। ପିସିବି ଏହା ଉପରେ ସରକାରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବ।

ପାକିସ୍ତାନ ମିସାଇଲ ଓ ଡ୍ରୋନ ଦ୍ୱାରା ଆଟାକ ପାଇଁ ଚେଷ୍ଟା କରିଥିବାରୁ ଭାରତୀୟ ସେନା ଆଜି ଏହାର ଜବାବ ଦେଇଛି ଭାରତୀୟ ସେନାର ଡ୍ରୋନ ପାକିସ୍ତାନର ବିଭିନ୍ନ ସ୍ଥାନରେ ଥିବା ଏୟାର ଡିଫେନ୍ସ ରାଡାର ଓ ସିଷ୍ଟମକୁ ଟାର୍ଗେଟ କରିଥିଲା ଲାହୋର ସ୍ଥିତି ଏୟାର ଡିଫେନ୍ସ ରାଡାର ଓ ସିଷ୍ଟମକୁ ମଧ୍ୟ ଭାରତୀୟ ଡ୍ରୋନ ନଷ୍ଟ କରିବାକୁ ସକ୍ଷମ ହୋଇଛି ଗୋଟିଏ ଡ୍ରୋନ ରାଲପିଣ୍ଡି ଷ୍ଟାଡିମୟ ନିକଟରେ ବି ମାଡ଼ ହୋଇଛି।ପାକିସ୍ତାନ ମିଡିଆର ରିପୋର୍ଟ ଅନୁସାରେ, ପିସିବି ପକ୍ଷରୁ ଗୁରୁବାର ପିଏସଏଲର ସମସ୍ତ ଫ୍ରାଞ୍ଚାଇଜଙ୍କୁ ନେଇ ଗୋଟିଏ ବୈଠକ ଲାହୋରର ଗଦାଫି ଷ୍ଟାଡିୟମରେ ଆୟୋଜନ କରାଯାଇଛି ।ଏହି ବୈଠକରେ ପିଏସ୍‌ଏଲରେ ବାକି ଥିବା ମ୍ୟାଚ୍‌ଗୁଡ଼ିକର ଭବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନର ସ୍ଥିତିକୁ ଦେଖି ପିସିବି ପିଏସଏଲର ମ୍ୟାଚଗୁଡ଼ିକୁ ବିଦେଶକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରହିଛି।ସେହିପରି ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ ମଧ୍ୟ ଦୁବାଇରେ ଆୟୋଜନ କରିବାକୁ ଚିନ୍ତା କରୁଛି।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

**ପଏଣ୍ଟ ତାଲିକା**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୦୮ | ୦୩ | ୧୬ |
| ଗୁଜରାଟ ଟାଇଟନ୍ସ | ୧୧ | ୦୮ | ୦୩ | ୧୬ |
| ପଞ୍ଜାବ କିଙ୍ଗ୍‌ସ | ୧୧ | ୦୭ | ୦୩ | ୧୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୦୭ | ୦୫ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୨ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୨ | ୦୫ | ୦୬ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୧ | ୦୫ | ୦୬ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୧ | ୦୩ | ୦୭ | ୦୭ |
| ରାଜସ୍ଥାନ ରୟାଲ୍‌ସ | ୧୨ | ୦୩ | ୦୯ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୨ | ୦୩ | ୦୯ | ୦୬ |

# ଟେଷ୍ଟ ଅଧିନାୟକ ଦୌଡରେ ଗିଲ ଆଗରେ



ମୁମ୍ବାଇ,୭।୫: ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକତ୍ୱରୁ ଇସ୍ତଫା ଘୋଷଣା ପରେ ଭାରତୀୟ କ୍ରିକେଟରେ ନୂଆ ନେତୃତ୍ୱ ଚୟନ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦୌଡ଼ରେ ଯୁବ ବ୍ୟାଟସମ୍ୟାନ ଶୁଭମନ ଗିଲ ଅନ୍ୟତମ ପ୍ରମୁଖ ଦାବିଦାର ଭାବେ ଆଗରେ ରହିଛନ୍ତି।୨୫ ବର୍ଷୀୟ ଗିଲଙ୍କ ସ୍ଥିର ପ୍ରଦର୍ଶନ, ନେତୃତ୍ୱ ଦକ୍ଷତା ଏବଂ ଦୀର୍ଘକାଳୀନ ସମ୍ଭାବନା ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏକ ଆକର୍ଷଣୀୟ ପ୍ରାର୍ଥୀ କରିଛି।

ପଞ୍ଜାବରୁ ଆସିଥିବା ଶୁଭମନ ଗିଲ ୨୦୧୮ରେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତୀୟ ବିଜୟୀ ଦଳର ସଦସ୍ୟ ଥିଲେ ତାଙ୍କର ଶାନ୍ତ ମନୋଭାବ ଏବଂ ମଇଦାନରେ ରଣନୀତିଗତ ଚିନ୍ତାଧାରା ତାଙ୍କୁ ଅଲଗା କରିଛି ଟେଷ୍ଟ କ୍ରିକେଟରେ ଗିଲ ୨୫ ମ୍ୟାଚରେ ୧୪୯୨ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ୨୦୨୦-୨୧ ଅଷ୍ଟ୍ରେଲିଆ। ଗସ୍ତରେ ଗାବାରେ ତାଙ୍କର ୯୧ ରନର ଇନିଂସ ଭାରତର ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଘରୋଇ କ୍ରିକେଟରେ ଗୁଜରାଟ ଟାଇଟନ୍ସକୁ ଆଇପିଏଲ ୨୦୨୨ରେ ଚାମ୍ପିୟନ କରାଇବା ଏବଂ ୨୦୨୩ରେ ରଣଜୀ ଟ୍ରଫିରେ ପଞ୍ଜାବ ପାଇଁ ନେତୃତ୍ୱ ଦେବା ଗିଲଙ୍କ ନେତୃତ୍ୱ କ୍ଷମତାକୁ ଆହୁରି ଉଜାଗର କରିଛି।ତାଙ୍କର ଖେଳାଳିମାନଙ୍କ ସହ ସମ୍ପର୍କ ଏବଂ କଠିନ ପରିସ୍ଥିତିରେ ଧୈର୍ଯ୍ୟ ରଖିବାର ଗୁଣ ତାଙ୍କୁ ଟିମ୍ ଇଣ୍ଡିଆର ନେତା ଭାବେ ପ୍ରସ୍ତୁତ କରୁଛି।

ଗିଲଙ୍କ ସହ ଜସପ୍ରୀତ ବୁମରା, ଯିଏ ଅଷ୍ଟ୍ରେଲିଆ। ବିପକ୍ଷ ଟେଷ୍ଟ ସିରିଜରେ ଅସ୍ଥାୟୀ ଅଧିନାୟକ ଭାବେ ଦଳକୁ ନେତୃ ଦେଇଛନ୍ତି, ଏବଂ ଋଷଭ ପନ୍ତ ମଧ୍ୟ ଏହି ଦୌଡ଼ରେ ଅଛନ୍ତି ବୁମରାଙ୍କର ଅଭିଜ୍ଞତା ଏବଂ ପନ୍ତଙ୍କର ଆକ୍ରମଣାତ୍ମକ ଶୈଳୀ ସେମାନଙ୍କୁ ଶକ୍ତ ପ୍ରତିଦ୍ୱନ୍ଦ୍ୱୀ କରୁଛି ତେବେ, ଗିଲଙ୍କ ଯୁବ ଉତ୍ସାହ, ଟେଷ୍ଟ ଫର୍ମାଟରେ ସ୍ଥିରତା ଏବଂ ଦୀର୍ଘମିଆଦୀ ନେତୃ ପାଇଁ ସମ୍ଭାବନା ତାଙ୍କୁ ଅନ୍ୟମାନଙ୍କଠାରୁ ଆଗରେ ରଖୁଛି।

# କେକେଆର ହାତରୁ ମ୍ୟାଚ ଛଡ଼ାଇ ଆଣିଲା ଚେନ୍ନାଇ

କୋଲକାତା,୮।୫(ଏଜେନ୍ସି): ଚେପକ୍ ପରାଜୟର ପ୍ରତିଶୋଧ ଇଡେନ୍ ଗାର୍ଡେନ୍ସରେ ନେଇଯାଇଛି। ସିଏସ୍‌କେ ୮ ୱିକେଟ୍‌ରେ ହାରିଥିଲା, ଏଥର ୨ ୱିକେଟ୍‌ରେ ଜିତିଛି। ମହେନ୍ଦ୍ର ସିଂହ ଧୋନିଙ୍କ ସିଏସ୍‌କେ ବୁଧବାର ରାତିରେ କୋଲକାତା ନାଇଟ୍ ରାଇଡର୍ସର ପ୍ଲେ ଅଫ୍ ଆଶାରେ ମଧ୍ୟ ଶକ୍ତ ଝଟକା ବି ଲଗାଇଛି। ବିଜୟୀ ହୋଇ ଧୋନି ମଧ୍ୟ ଇଡେନ୍‌କୁ ବିଦାୟ ଜଣାଇଛନ୍ତି। ୧୮୦ ରନ୍ ବିଜୟ ଲକ୍ଷ୍ୟରେ ଖେଳିଥିବା ଚେନ୍ନାଇ ପାୱାର ପ୍ଲେ ଭିତରେ ୫ ୱିକେଟ୍ ହରାଇ ଦେଇଥିଲା। ତଥାପି ୧୧ତମ ଓଭରରେ ବୈଭବ ଅରୋରାଙ୍କଠାରୁ ୩୦ ରନ୍ (୬,୪,୪,୬,୬,୪) ଆଦାୟ କରି ଡିୱାଲ୍ଡ ବ୍ରେଭିସ୍ (୨୫ ବଲ୍‌ରୁ ୫୨ ରନ୍) ଆଶା ଦେଖାଇଥିଲେ। ପରବର୍ତ୍ତୀ ଓଭରରେ କିନ୍ତୁ ବରୁଣ ଚକ୍ରବର୍ତ୍ତୀ ତାଙ୍କୁ ଆଉଟ୍ କରି ଦେଇଥିଲେ। ଏହି ସମୟରେ ଆସିଥିଲେ ଇଡେନ୍‌ର ଧଡ଼କନ୍ ମହେନ୍ଦ୍ର ସିଂହ ଧୋନି ନିୟମିତ ସିଙ୍ଗଲ୍ ରନ୍ ଚୋରାଇଥିଲେ। ଦୁବେଙ୍କ ବିଦାୟ ପରେ ଶେଷ ଓଭରରେ ରସେଲଙ୍କୁ ଧୋନି ଲମ୍ବା ଛକା ମାରିଥିଲେ ଅଂଶୁଲ କମ୍ବୋଜ କିନ୍ତୁ ଚୌକା ମାରି ଧୋନିଙ୍କୁ ବିଜୟ ଭେଟି ଦେଇଥିଲେ।

କର ବା ମର ସ୍ଥିତିରେ ଥିବା କେକେଆର୍ ଅଧିନାୟକ ଅଜିଙ୍କ୍ୟ



ରାହାଣେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିଥିଲେ। ବଡ଼ ସ୍କୋର୍ ହେବ୍ ବୋଲି ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଇଡେନ୍ ପିଚ୍ ଡବଲ୍ ପେସ୍ ଖେଳିବାରୁ ବୋଲରଙ୍କୁ ସହାୟତା ମିଳିଥିଲା। ରହମାନୁଲ୍ଲା ଗୁରବାଜ ଦ୍ୱିତୀୟ ଓଭରରେ ଅଂଶୁଲ କମ୍ବୋଜଙ୍କ ଶିକାର ହୋଇଯାଇଥିଲେ।କିନ୍ତୁ ରାହାଣେ ଓ ନାରାୟଣ ୫୮ ରନ୍‌ର ଭାଗୀଦାରି କରି ପ୍ରାରମ୍ଭିକ ବିପର୍ଯ୍ୟୟ ଏଡ଼ାଇଥିଲେ। ମିଡଲ୍ ଓ ଡେଥ୍ ଓଭରରେ ଆଫଗାନିସ୍ତାନ ସ୍ପିନର୍ ନୂର ଅହମ୍ମଦ ଚମତ୍କାର ବୋଲିଂ କରିବାରୁ କେକେଆର୍ ହାତଖୋଲା ସଟ୍ ଖେଳିପାରିନଥିଲା। ସଫଳତମ ବୋଲର୍ ଭାବେ ନୂର (୪-୦-୩୧-୪) ସୁନୀଲ ନାରାୟଣ, ଅଙ୍ଗକ୍ରିସ୍ ରଘୁବଂଶୀ, ଆନ୍ଦ୍ରେ ରସେଲ ଓ ରିଙ୍କୁ ସିଂହଙ୍କ ୱିକେଟ୍ ନେଇଥିଲେ। ଇମ୍ପାକ୍ଟ ଖେଳାଳି ମନୀଷ ପାଣ୍ଡେ ବିଶେଷ ପ୍ରଭାବ ଛାଡ଼ିପାରିନଥିଲେ ୩୬ଅ ରନ୍ ପାଇଁ ୨୮ ବଲ୍ ଖେଳିଥିଲେ ନିଜ ପ୍ରଥମ ୩ ଓଭରରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ମଥିଶା ପଥିରଣା କିନ୍ତୁ ଶେଷ ଓଭରରେ ୬ଟି ସିଙ୍ଗଲ୍ ଦେଇ ଏହାର ଭରଣା କରିଥିଲେ। ରାହାଣେଙ୍କ ୩୩ ବଲ୍ ୪୮ ରନ୍ ଏବଂ ରସେଲଙ୍କ ୨୧ ବଲ୍ ୩୮ ରନ୍ ଘରୋଇ ଦଳକୁ ୧୭୯ ରନ୍‌ରେ ପହଞ୍ଚାଇବାରେ ବଡ଼ ଭୂମିକା ନେଇଥିଲା।

୧୮୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇର ଆରମ୍ଭ ନିରାଶଜନକ ଥିଲା। ଆୟୁଷ ମହାତ୍ରେ ଓ ଡେବନ କନୱେ ଖାତା ଖୋଲି ପାରି ନ ଥିଲେ। ଉର୍ବିଲ ପଟେଲ୍ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୧ ବଲ୍‌ରୁ ୪ ଛକା ସହ ୩୧ ରନ କରି ପାଭିଲିୟନ ଫେରିଥିଲେ। ଏହା ପରେ ଅଶ୍ୱିନୀ ୮ ରନ, ରବୀନ୍ଦ୍ର ଜାଡେଜା ୧୯ ରନ କରି ଆଉଟ୍ ହୋଇଥିଲେ ୬୦ ରନରେ ୫ ୱିକେଟ୍ ହରାଇ ଚେନ୍ନାଇ ସଙ୍କଟରେ ପଡିଥିଲା। ତେବେ ଡେୱାଲ୍ଡ ବ୍ରେଭିସ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ଓ ଶିବମ ଦୁବେ ଷଷ୍ଠ ୱିକେଟ୍‌ରେ ୬୭ ରନ ଯୋଡ଼ି ଦଳର ସ୍ଥିତି ସୁଧାରିବା ସହ ବିଜୟ ସମ୍ଭାବନା ବଢାଇଥିଲେ। ବ୍ରେଭିସ ୨୫ ବଲରୁ ୪ ଚୌକା ଓ ୪ ଛକା ସହ ୫୨ ରନର ବିସ୍ଫୋରକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଦୁବେ ୪୫ ରନର ଉପଯୋଗୀ ଇନିଂସ ଖେଳି ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ଏମଏସ ଧୋନୀ ୧୭ ରନ କରି ଅପରାଜିତ ଥିଲେ ।

ସଂକ୍ଷିପ୍ତ ସ୍କୋର୍: କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୯/୬ (ଅଜିଙ୍କ୍ୟ ରାହାଣେ-୪୮, ଆନ୍ଦ୍ରେ ରସେଲ-୩୮, ମନୀଷ ପାଣ୍ଡେ-୩୬ ଅପରାଜିତ, ସୁନିଲ ନାରାୟଣ-୨୬, ନୂର ଅହମ୍ମଦ-୪/୩୧, ରବୀନ୍ଦ୍ର ଜାଡ଼େଜା-୧/୩୪, ଅଂଶୁଲ କମ୍ବୋଜ-୧/୩୮) ଚେନ୍ନାଇ ସୁପର୍ କିଙ୍ଗ୍ସ ୧୯.୪ ଓଭରରେ ୧୮୩/୮ (ଡିୱାଲ୍ଡ ବ୍ରେଭିସ୍-୫୨, ଶିବମ ଦୁବେ-୪୫, ଉର୍ବିଲ ପଟେଲ୍-୩୧, ମହେନ୍ଦ୍ର ସିଂହ ଧୋନି-୧୭ଅପରାଜିତ, ବୈଭବ ଅରୋରା-୩/୪୮, ବରୁଣ ଚକ୍ରବର୍ତ୍ତୀ-୨/୧୮, ହର୍ଷିତ ରାଣା-୨/୪୩, ମୋଇନ୍ ଅଲୀ-୧/୨୩)।

## ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ୨୦୨୫ ଉଦଯାପିତ

# ଅପରେଟିଂ ବିଭାଗ ଚାମ୍ପିଅନ




ଭୁବନେଶ୍ୱର,୮।୫: ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ଆୟୋଜିତ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେ□-୨୦୨୫ ଶେଷହୋଇଛି।ଇଲେକ୍ଟ୍ରିକାଲ (ଓପି) ଏବଂ ଅପରେଟିଂ, ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ରେ ଅପରେଟିଂ ବିଭାଗ ଟୁର୍ନାମେ□ରେ ବିଜୟ ହାସଲ କରିଛି।

ଗତ ୨୫ ତାରିଖରେ ଖୋର୍ଦ୍ଧାରୋଡ଼ ରେଳ ଷ୍ଟାଡିୟମ୍ ଠାରେ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେ□-୨୦୨୫ ଆରମ୍ଭ ହୋଇଥିଲା।ଏହି ଟୁର୍ନାମେ□ରେ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ୧୩ ଟି ବିଭାଗ ଅଂଶଗ୍ରହଣ କରିଥିଲେ ସମସ୍ତ ବିଭାଗ ମଧ୍ୟରେ ମୋଟ ୩୦ ଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା ।ଇଲେକ୍ଟ୍ରିକାଲ (ଓପି) ଏବଂ ଅପରେଟିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ରେ ଅପରେଟିଂ ବିଭାଗ ୬ ରନ୍ ରେ ବିଜୟ ହାସଲ କରିଛି।

ଖୋର୍ଦ୍ଧାରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍ ଏସ ବାଜୱା, ବିଜେତା ତଥା ରନର୍ସ ଅପ୍‌ଦ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ବିଭିନ୍ନ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲାସୁରକ୍ଷା ବିଭାଗ ର ଲିଙ୍ଗରାଜ ବରାଳ, ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେ□ ଏବଂ ଅପରେଟିଂ ବିଭାଗ ର, ଶୁଭ୍ରକାନ୍ତ ଦତ୍ତ, ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ହାସଲ କରିଛନ୍ତି ।

ଅପରେଟିଂ ବିଭାଗର ସୁନୀଲ ସୂତର, ଶ୍ରେଷ୍ଠ ବୋଲର ଟ୍ରଫି, ଦୂର ସଂଚର ଏଂ ସଙ୍କେତ ବିଭାଗ ର, ବୈକୁଣ୍ଠ କରଣ ଶ୍ରେଷ୍ଠ ଫିଲ୍ଡର ଟ୍ରଫି, ଏବଂ ଇଲେକ୍ଟ୍ରିକାଲ (ଓପି) ବିଭାଗର ଅମିତ କୁମାର, ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ ଟ୍ରଫି ଜିତିଛନ୍ତି ଟୁର୍ନାମେ□ର ସର୍ବୋତ୍ତମ ଅନୁଶାସନ ଦଳ ଭାବରେ ବାଣିଜ୍ୟ ବିଭାଗ କୁ ଟ୍ରଫି ପ୍ରଦାନ କରାଯାଇଛି । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) 1 ଶୁଭ୍ର ଜ୍ୟୋତି ମଣ୍ଡଳ, ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀ ମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେ□-୨୦୨୫, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱ ତଥା ନିର୍ଦ୍ଦେଶନାରେ ପରିଚାଳିତ ହୋଇଛି।

# ମହଭାଶଙ୍କୁ ଶୁଭେଚ୍ଛା ଜଣାଇଲେ ଚହଲ

ନୂଆଦିଲ୍ଲୀ,୮।୫: ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ଧନଶ୍ରୀଙ୍କ ସହ ଛାଡପତ୍ର ପରେ କ୍ରିକେଟର ଯୁଜବେନ୍ଦ୍ର ଚହଲଙ୍କ ଆଫେୟାରର ଖବର ତୀବ୍ର ହୋଇଛି ଚହଲଙ୍କୁ ପ୍ରାୟତଃ ଆରଜେ ମହଭାଶଙ୍କ ସହ ଦେଖିବାକୁ ମିଳିଥାଏ। ଉଭୟ ପରସ୍ପରକୁ ଡେଟ କରୁଥିବାର ରିପୋର୍ଟ ମଧ୍ୟ ରହିଛି ଏବେ ଚହଲ ତାଙ୍କର କଥିତ ପ୍ରେମିକା ଆରଜେ ମହଭାଶଙ୍କ ପାଇଁ ଏକ ପୋଷ୍ଟ ଶେୟାର କରିଛନ୍ତି।

ଘଟଣାହେଲା, ଆରଜେ ମହଭାଶଙ୍କ ନୂଆ। ଧାରାବାହିକ ପ୍ୟାର, ପୈସା ଔର ପ୍ରଫିଟ ମେ ୭ରୁ ପ୍ଲେୟାରରେ ଷ୍ଟ୍ରିମିଂ ହେଉଛି ଏହା ଲିଡ ଅଭିନେତ୍ରୀ ଭାବରେ ମହଭାଶଙ୍କ ପ୍ରଥମ ଧାରାବାହିକ ଏହାକୁ ନେଇ, ଯୁଜବେନ୍ଦ୍ର ଚହଲ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ତାଙ୍କ ସିରିଜର ପୋଷ୍ଟର ଶେୟାର କରିଛନ୍ତି ଏହା ସହିତ ସେ କ୍ୟାପସନରେ ଲେଖିଛନ୍ତି ଅଭିନନ୍ଦନ ଆରଜେ ମହଭାଶ, ମୁଁ ତୁମ ପାଇଁ ଗର୍ବିତ

ଚହଲଙ୍କ ଏହି ପୋଷ୍ଟରେ ଆରଜେ ମହଭାଶ ଅତ୍ୟନ୍ତ ଖୁସି ସେ ଏହି କାହାଣୀକୁ ରିଶେୟାର ମଧ୍ୟ କରିଛନ୍ତି ଅନ୍ୟପକ୍ଷରେ, ୟୁଜର୍ସମାନେ ସୋସିଆଲ ମିଡିଆରେ ଚହଲଙ୍କୁ ଟ୍ରୋଲ କରୁଛନ୍ତି ଜଣେ ୟୁଜର କମେ□ କରିଥିଲେ ଭାଇ ଆଲୋକର ଗତି ଅପେକ୍ଷା ଦ୍ରୁତ ଗତିରେ ଆଗକୁ ବଢ଼ିଲେ ଆଉ ଜଣେ ବ୍ୟକ୍ତି ମନ୍ତବ୍ୟ ଦେଇଛନ୍ତି: ସେମାନେ ନିଶ୍ଚିତ ଭାବରେ ପରସ୍ପରକୁ ଡେଟ କରୁଛନ୍ତି ଏହା ଧନଶ୍ରୀଙ୍କ ସହ ଛାଡପତ୍ର ପଛରେ ପ୍ରକୃତ କାରଣ ହୋଇପାରେ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଆରଜେ ମହଭାଶ ମଧ୍ୟ ଅନେକ ଥର ଯୁଜଭେବନ୍ଦ୍ର ଚହଲଙ୍କୁ ସମର୍ଥନ କରୁଥିବାର ଦେଖାଯାଇଛି ସୋସିଆଲ ମିଡିଆରେ ପୋଷ୍ଟ କରିବା ବ୍ୟତୀତ, ସେ ଚହଲଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମକୁ ଯାଉଥିବାର ମଧ୍ୟ ଦେଖାଯାଇଛି ଏସବୁ ଦୁହିଁଙ୍କ ବିଷୟରେ ଡେଟିଂ ଗୁଜବକୁ ଖୋରାକ ଯୋଗାଇଛି। ଆରଜେ ମହଭାଶଙ୍କ ସଦ୍ୟ ମୁକ୍ତିଲାଭ କରିଥିବା ଧାରାବାହିକ ପ୍ୟାର୍, ପୈସା ଔର ପ୍ରଫିଟ ବିଷୟରେ କହିବାକୁ ଗଲେ, ଏହା ମଇ ୭ ତାରିଖରୁ ପ୍ଲେୟାରରେ ଷ୍ଟ୍ରିମିଂ ହେଉଛି ଧାରାବାହିକରେ ମହଭାଶଙ୍କ ସହିତ ମିହିର ଆହୁଜା ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି।




ଭାରତ ଉପରେ ପାକିସ୍ତାନର ଲଗାତର ମିଶାଇଲ ମାଡ଼ ଜାରି ରଖିଥିବା ବେଳେ ଦର୍ଶକଙ୍କ ସୁରକ୍ଷା ପାଇଁ ମ୍ୟାଚକୁ ସ୍ଥଗିତ ରଖାଯାଇଛି। ଆଇପିଏଲ ମ୍ୟାଚ୍ ଖେଳ ଚାଲିଥିବା ବେଳେ ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମରେ ହଠାତ ଫ୍ଲଡଲାଇଟ୍ ଲିଭିଯାଇଥିଲା। ଏହାପରେ ମ୍ୟାଚ୍ ବାତିଲ କରାଯାଇଛି ।

# ଅପରେଶନ ସିନ୍ଦୂର ପରେ ମୁମ୍ବାଇ-ପଞ୍ଜାବ ମ୍ୟାଚ୍ ଅହମଦାବାଦକୁ ସ୍ଥାନାନ୍ତର



ନୂଆଦିଲ୍ଲୀ,୮।୫: ଆସନ୍ତା ୧୧ ତାରିଖରେ ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇଛି ପାକିସ୍ତାନରେ ଆତଙ୍କବାଦ ସହ ଜଡ଼ିତ ବିଭିନ୍ନ କୋଠାକୁ ଅପରେଶନ ସିନ୍ଦୂର ଦ୍ୱାରା ଭାରତ ଧ୍ୱଂସ କରିବା ପରେ ହିମାଚଳ ପ୍ରଦେଶର ବିମାନବନ୍ଦର ବନ୍ଦ କରିଦିଆଯାଇଛି ଏହି କାରଣରୁ ମ୍ୟାଚ୍‌କୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇଛି ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସମ୍ପାଦକ ଅନିଲ ପଟେଲ ଏହା ସ୍ପଷ୍ଟ କରିଛନ୍ତି ପୂର୍ବରୁ ଏହି ମ୍ୟାଚ୍‌କୁ ମୁମ୍ବାଇକୁ ସ୍ଥାନାନ୍ତର କରାଯିବ ବୋଲି ରିପୋର୍ଟ ଆସିଥିଲା

ବିସିସିଆଇ ପକ୍ଷରୁ ଆମକୁ ଅନୁରୋଧ କରାଯାଇଥିଲା ଏବଂ ଆମେ ତାହାକୁ ଗ୍ରହଣ କରିଛୁ ମୁମ୍ବାଇ ଦଳ ଆଜି ଅହମଦାବାଦରେ ପହଞ୍ଚିବ ପଞ୍ଜାବ ଦଳ କେବେ ପହଞ୍ଚିବ ତାହା ପରେ ଜଣାପଡ଼ିବ ଏହି ମ୍ୟାଚ୍ ରବିବାର ଅପରାହ୍ନରେ ହେବ ବୋଲି ପଟେଲ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ